# ଏଏସ୍ଆଇ କହିଥିଲା ଅନୁମୋଦନ ଜରୁରୀ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ

### ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖିଥିଲା

ପୁରୀ ଅଫିସ,୧୨।୫

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିଷିଦ୍ଧାଞ୍ଚଳରେ ନିର୍ମାଣ କାର୍ଯ୍ୟର ଅନୁମତି ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ମହାନିର୍ଦ୍ଦେଶକ (ଡିଜି)ଙ୍କୁ ଚିଠି କରାଯିବା ଦରକାର ବୋଲି ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍ଆଇ ପୂର୍ବରୁ ଜଣାଇଥିଲା। ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟର ସ୍ଥିତି ସମୀକ୍ଷା କରିବା ପରେ ଗତବର୍ଷ ମେ ୨୮ରେ ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍ଆଇ ଅବଗତ କରାଇଥିଲା। ମାତ୍ର ପ୍ରଶାସନ ଏଏସ୍ଆଇ ଚିଠିକୁ ଖାତିର ନ କରି କେବଳ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ) କର୍ତ୍ତୃପକ୍ଷଙ୍କ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍ (ଏନ୍ଓସି) ଆଧାରରେ ନିର୍ମାଣ କାର୍ଯ୍ୟ ଚଳାଇଥିଲା। ଫଳରେ ସମ୍ପ୍ରତି ଉକ୍ତ ପ୍ରକଳ୍ପ ମାମଲା ହାଇକୋର୍ଟକୁ ଯିବା ପରେ ରାଜ୍ୟ ସରକାର ହରଡ଼ଘଣାରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଏଏସ୍ଆଇର ଟିମ୍ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଏନେଇ ଏକ ଚିଠି କରିଥିଲେ। ଚିଠିରେ ଉଲ୍ଲେଖ ଥିଲା ଯେ, ଶ୍ରୀମନ୍ଦିର ପ୍ରଶାସନ ନିର୍ମାଣ କାର୍ଯ୍ୟ ପାଇଁ ଏନ୍ଏମ୍ଏ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ମାତ୍ର ନିଷିଦ୍ଧାଞ୍ଚଳର କର୍ତ୍ତୃତ୍ୱ ଏଏସ୍ଆଇ ଡିଜିଙ୍କ ପାଖରେ ରହିଛି। ଏ ସମ୍ପର୍କିତ ଅନୁମୋଦନ କେବଳ ଏଏସ୍ଆଇ ଡିଜିଙ୍କ ଦ୍ୱାରା ହେବା ଦରକାର। ଏଣୁ ଏ ନେଇ ଏଏସ୍ଆଇ ଡିଜିଙ୍କ ନିକଟରେ ପୃଥକ ଭାବେ ଆବେଦନ କରାଯାଉ। କେବଳ ନବୀକରଣ ଓ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିର୍ମାଣ ପାଇଁ ଏନ୍ଏମ୍ଏ ପାଖରେ ଆବେଦନ କରାଯାଇପାରିବ। ବଡ଼ଛତା ମଠ ଓ ଛାଉଣି ମଠର ନବୀକରଣ କାର୍ଯ୍ୟ ପାଇଁ ଏନ୍ଏମ୍ଏ ଅନୁମୋଦନ ଯଥେଷ୍ଟ ଏବଂ ଉଭୟ ମଠର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଉକ୍ତ ଚିଠିରେ ଉଲ୍ଲେଖ ଥିଲା। ସେହିଭଳି ଶ୍ରୀଜଗନ୍ନାଥ ରିସେପଶନ୍ ସେଣ୍ଟର ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟର ଉଚ୍ଚତା ଯଥାକ୍ରମେ ୧୩.୮ ମିଟର ଓ ୧୪.୧୫ ମିଟର କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ଏହି ଦୁଇ କୋଠାର ପ୍ରସ୍ତାବିତ ଉଚ୍ଚତା ମେଘନାଦ ପ୍ରାଚୀରର ଉଚ୍ଚତାଠାରୁ ଅଧିକ ହେଉଥିବାରୁ ଏହା ଗ୍ରହଣୀୟ ନୁହେଁ। କୋଠାଗୁଡ଼ିକର ଉଚ୍ଚତାକୁ ୧୦ ମିଟର କମ୍ କରାଯିବା ଉଚିତ। ଯାହାଦ୍ୱାରା ମେଘନାଦ ପ୍ରାଚୀରର ସୌନ୍ଦର୍ଯ୍ୟ ଓ ସ୍ୱତନ୍ତ୍ରତା ଦୃଶ୍ୟମାନ ହୋଇପାରିବ ବୋଲି ଏଏସ୍ଆଇ କର୍ତ୍ତୃପକ୍ଷ ଚିଠିରେ ଜଣାଇଥିଲେ। ସେହିଭଳି କ୍ଲକ୍‌ରୁମ୍, ମିନି କ୍ଲକ୍‌ରୁମ୍, ରିସେପଶନ୍ ସେଣ୍ଟର, ଇନଫରମେଶନ୍ କିଓସ୍କୋ, ଶେଲଟର୍ ପାଭିଲିୟନ୍, ଶୌଚାଳୟ, ପୋଲିସ ସର୍ଭିସ୍ ସେଣ୍ଟର, ଏଟିଏମ୍ କିଓସ୍କୋ, ଇଲେକଟ୍ରିକ୍ ରୁମ୍, ପ୍ରାଥମିକ ଚିକିତ୍ସା କେନ୍ଦ୍ର



ଇତ୍ୟାଦି ନିର୍ମାଣର ସମ୍ପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଏଏସ୍ଆଇ ଚିଠିରେ ଉଲ୍ଲେଖ କରିଥିଲେ। ଏହି ଚିଠିରେ ଏଏସ୍ଆଇ ଭୁବନେଶ୍ୱର ସର୍କଲର ଅଧିକାରୀ ଧିଲୋନ୍ ମିଶ୍ର, ପି.କେ ରାଉତ, ସହକାରୀ ପ୍ରତ୍ନତତ୍ତ୍ୱବିତ୍ ରାହୁଲ ଶ୍ରୀବାସ୍ତବ, ପ୍ରତ୍ନତତ୍ତ୍ୱ ବିଭାଗ ଯନ୍ତ୍ରୀ ସି.ଆର୍. ଦାଶ ଏବଂ କୋଣାର୍କ ସଂଗ୍ରହାଳୟର ପ୍ରତ୍ନତତ୍ତ୍ୱବିତ୍ ପି. କେ. ନାୟକ ପ୍ରମୁଖଙ୍କ ଦସ୍ତଖତ ରହିଛି। ଏସମ୍ପର୍କରେ ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ଅନୁମୋଦନ ପାଇଁ ଏଏସ୍ଆଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି କରିଥିଲେ ମଧ୍ୟ କେବଳ ଏନ୍ଏମ୍ଏର ଏନ୍ଓସି ବଳରେ ନିର୍ମାଣ କାର୍ଯ୍ୟ କରାଯାଉଛି। ମାମଲା ହାଇକୋର୍ଟକୁ ଯିବା ପରେ ଏଏସ୍ଆଇ ଅନୁମୋଦନ ନ ଥିବା ସ୍ପଷ୍ଟ ହୋଇଛି। ତେବେ ଜିଲା ପ୍ରଶାସନ କାହିଁକି ଏଏସ୍ଆଇ ଅନୁମୋଦନ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ କଲେ ତାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଚିଠିସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# ଖନନ, ନିର୍ମାଣ ତୁରନ୍ତ ବନ୍ଦ ହେଉ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ଲାଗି ରହିଛି। ଏଥିସହ ଖନନ ଓ ନିର୍ମାଣ କାର୍ଯ୍ୟକୁ ବିରୋଧ କରାଯାଉଛି। ଚାରିଆଡୁ ବିରୋଧ ସତ୍ତ୍ୱେ କାର୍ଯ୍ୟ ବନ୍ଦ ହେଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛି ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ। ଅଭିଯାନ ପକ୍ଷରୁ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯାନର ସଂଯୋଜକ ବିନୟ କୁମାର ଭୂୟାଁ, ସହସଂଯୋଜକ ତନ୍ମୟ କୁମାର ଦାଶ ଏବଂ ସଦସ୍ୟ ସୁମନ୍ତ କୁମାର ପଣ୍ଡା ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେମାନେ କହିଛନ୍ତି, ରାଜ୍ୟ ସରକାର ଆଧୁନିକ କଳାପାହାଡ଼ ସାଜିଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ବିଦେଶୀ ଗଛ ଲଗାଇ ଏହାକୁ ପର୍ଯ୍ୟଟନସ୍ଥଳୀର ଭ୍ରମ ସୃଷ୍ଟି କରୁଛନ୍ତି। ସୌନ୍ଦର୍ଯ୍ୟକରଣ ନାଁରେ ମଠ, ମନ୍ଦିରକୁ ଭାଙ୍ଗି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଧ୍ୱଂସ କରୁଛନ୍ତି। ଏହି କାର୍ଯ୍ୟ ରାଜ୍ୟ ସରକାରଙ୍କୁ ପରିଚାଳିତ କରୁଥିବା ଓଡ଼ିଆ ସଂସ୍କୃତି ଉପରେ ଜ୍ଞାନ ନ ଥିବା ମୁଷ୍ଟିମେୟ ଅଣଓଡ଼ିଆ ଅଧିକାରୀଙ୍କ ଜିଦ୍‌ରୁ ହେଉଛି। କେତେଜଣ ନ୍ୟସ୍ତସ୍ୱାର୍ଥ ଓଡ଼ିଆ ମଧ୍ୟ ଏଥିରେ ସାମିଲ ଅଛନ୍ତି। 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ମାଧ୍ୟମରେ ରାଜ୍ୟ ସରକାର ଯେଉଁ ଖନନ ଓ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି ତାହା ସମ୍ପୂର୍ଣ୍ଣ ଅବୈଧ, ଅନୈତିକ ଓ ଅପରିଣାମଦର୍ଶୀ। ଶ୍ରୀମନ୍ଦିର ସହ ଶ୍ରୀକ୍ଷେତ୍ରର ମଠମନ୍ଦିର ପ୍ରାଚୀନ ଐତିହ୍ୟ ସମ୍ପନ୍ନ କୀର୍ତ୍ତି ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ତଥା ସୁରକ୍ଷା ଓ ସଂରକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗ (ଏଏସ୍ଆଇ)ର। କିନ୍ତୁ ରାଜ୍ୟ

- ■ରାଜ୍ୟ ସରକାର ଆଧୁନିକ କଳାପାହାଡ଼: ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ
- ■ସାଧୁସନ୍ଥ, ରାଜ୍ୟବାସୀଙ୍କୁ ନେଇ ବୃହତ୍ ଆନ୍ଦୋଳନ ହେବ

ସରକାର ସମସ୍ତ ଆଇନକୁ ଉଲ୍ଲଂଘନ କରି ବିନାନୁମତିରେ ଶ୍ରୀମନ୍ଦିରର ଅତି ନିକଟରେ ଗଭୀର ଗର୍ତ୍ତଖନନ ସହ ବୃହତ ନିର୍ମାଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ କରିବା ପାଇଁ ଖୁବଶୀଘ୍ର ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସାଧାରଣ ଜନତାଙ୍କ ଦ୍ୱାରା ଅଧିକ ଚିଠି ଲେଖାଯିବ। ବ୍ଲକସ୍ତରରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ଗଣଧାରଣା, ବୁଦ୍ଧିଜୀବୀ ସଂଗୋଷ୍ଠୀ, ସନ୍ଥ ସମ୍ମିଳନୀ, ମାତୃଶକ୍ତି ଜାଗରଣ ମାଧ୍ୟମରେ ସ୍ୱର ଉଠିବ ବୋଲି ସେମାନେ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୫।୨୦୨୨

| ୩,୫୭,୪୦୦ ଟଙ୍କା | |
|---|---|
| ସୁନା | ୫୦ ମିଲିଗ୍ରାମ |
| ରୁପା | ୧୦.୮୮୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୪ର୍ଥ ଜାତୀୟ ନାଟ୍ୟ ମହୋତ୍ସବ ୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) କମିଟି ଅନ୍ କଷ୍ଟ ମ୍ୟାନେଜମେଣ୍ଟ ଫର୍ ପବ୍ଲିକ୍ ଆଣ୍ଡ ଗଭର୍ନମେଣ୍ଟ ସର୍ଭିସେସ୍ ଓ ଭୁବନେଶ୍ୱର ଚାପ୍ଟରର ମିଳିତ ଉଦ୍ୟମରେ ୩ ଦିନିଆ ସମ୍ମିଳନୀ, ଆଇଏମ୍ଏମ୍‌ଟି ଅଡିଟୋରିୟମ୍, ଅପରାହ୍ନ ୩ଟା।

**କଟକ**
- କବି ସଚ୍ଚି ରାଉତରାୟଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଗଡ଼ଗଡ଼ିଆ ଘାଟ ନିକଟ, ପୂର୍ବାହ୍ନ ୯ଟା ୩୦।
- ସିଏମ୍‌ସି କାଉନସିଲ ବୈଠକ, ବିଜୁ ଭବନ, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**
- ଶ୍ରୀଶ୍ରୀ ଠାକୁର ନୃସିଂହନାଥଙ୍କ ଜନ୍ମ ମହୋତ୍ସବରେ ୧୧ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ, ନୃସିଂହନାଥ ମନ୍ଦିର ପ୍ରାଙ୍ଗଣ, ପାରିବାସୁଦେଇପୁର, ସକାଳ ୬ଟା।

**ପୁରୀ**
- ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୬୬ ତମ ଜନ୍ମୋତ୍ସବ, ଜିଲା ସ୍କୁଲ ନିକଟ ନାଓମି ବିଲ୍ଡିଂ, ସନ୍ଧ୍ୟା ୭ଟା।



ପୁରୀର ଦଇତପଡ଼ା ସାହି ସାନ ମଠ ପକ୍ଷରୁ ମଦନମୋହନଙ୍କ ଲାଗି ଟାହିଆ ପ୍ରସ୍ତୁତ କରାଯାଉଛି।

# ନେପାଳ ସହ ଶ୍ରୀମନ୍ଦିରର ଗଭୀର ସମ୍ପର୍କ ରହିଛି

### ୧୮ରୁ କାଠମାଣ୍ଡୁରେ 'ଶ୍ରୀଜଗନ୍ନାଥ ପଞ୍ଚରାତ୍ର'

ଭୁବନେଶ୍ୱର, ୧୨।୫ (ବ୍ୟୁରୋ)

ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ଓ ପ୍ରସାର ସମିତି ପକ୍ଷରୁ ଆସନ୍ତା ୧୮ ତାରିଖରୁ ନେପାଳର କାଠମାଣ୍ଡୁ ଓ ପୋଖରା ସହରରେ 'ଶ୍ରୀଜଗନ୍ନାଥ ପଞ୍ଚରାତ୍ର' ଆରମ୍ଭ ହେବ। ୨୨ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୭ଟାରୁ ୮ଟା ଏବଂ ରାତି ୭ଟାରୁ ୯ଟା ପର୍ଯ୍ୟନ୍ତ ଏହା ଚାଲିବ। ଏ ସମ୍ପର୍କରେ ସୂଚନା ଦେଇ ସମିତିର କାର୍ଯ୍ୟକାରୀ ସଭାପତି ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ କହିଛନ୍ତି, ନେପାଳ ସହିତ ପୁରୀ ଶ୍ରୀମନ୍ଦିରର ଗଭୀର ସମ୍ପର୍କ ରହିଛି। ତେଣୁ ନେପାଳରେ ମହାବାହୁଙ୍କ ମହିମା ପ୍ରଚାର କରିବା ସହ ଶ୍ରୀମନ୍ଦିର ନୀତିକାନ୍ତି ଏବଂ ତାଙ୍କର ଲୀଳାଖେଳା ସମ୍ପର୍କରେ ଅବଗତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ତେବେ ପଞ୍ଚରାତ୍ର ସମ୍ପର୍କରେ ସେ କହିଲେ, ଭଗବାନ ବ୍ୟାସଦେବ କୃତ 'ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀ ପୁରୁଷୋତ୍ତମ ମାହାତ୍ମ୍ୟ'କୁ ଶ୍ରୀଜଗନ୍ନାଥଙ୍କ ଶାସ୍ତ୍ର ରୂପେ ଗ୍ରହଣ କରାଯାଇ ୨୦୧୨ରେ ପୁରୀ ଶରଧା ବାଲିଠାରେ ପ୍ରଥମ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଅନୁଷ୍ଠିତ ହୋଇଥିଲା। ଏହାପରେ ଏହି ଧାରା ବଜାୟ ରହିଛି। ଶ୍ରୀ ଜଗନ୍ନାଥଙ୍କ ପ୍ରଚାର ଓ ପ୍ରସାର ନିମନ୍ତେ ସମିତି ରାଜ୍ୟର ବିଭିନ୍ନ ସ୍ଥାନ, ଚାରିଧାମ (ବଦ୍ରିନାଥ,ଦ୍ୱାରିକା ନାଥ, ରାମେଶ୍ୱରମ, କ୍ଷେତ୍ର ପୁରୀ) ସମେତ ଦିଲ୍ଲୀ, ବୃନ୍ଦାବନ, ବେଙ୍ଗାଲୁରୁ, ପଶ୍ଚିମବଙ୍ଗର ନଦୀଆ ନବଦ୍ୱୀପରେ ପଞ୍ଚରାତ୍ର କାର୍ଯ୍ୟକ୍ରମ କରାଯାଇଛି। ଆଗାମୀ ଦିନରେ ଅନ୍ୟ ବିଦେଶ ମାଟିରେ ମଧ୍ୟ ଏହି କାର୍ଯ୍ୟକ୍ରମ କରାଯାଇ ଠାକୁରଙ୍କ ପ୍ରଚାର ପ୍ରସାର କରାଯିବ ବୋଲି ସମିତି ସମ୍ପାଦକ ନାରାୟଣ ମହାପାତ୍ର କହିଛନ୍ତି। ଏହି ଅବସରରେ ସମ୍ପାଦକ ପ୍ରଭାକର ମଲ୍ଲିକ, ଉପସଭାପତି ବୈକୁଣ୍ଠ ନାଥ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ରାଧାବଲ୍ଲଭ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଡାକ୍ତରଙ୍କ ଆତ୍ମହତ୍ୟା

## ୨୦ ଦିନ ତଳେ ହୋଇଥିଲା ବିବାହ

ଭୁବନେଶ୍ୱର,(ବ୍ୟୁରୋ),୧୨।୫

ଭରତପୁର ଥାନା ଅଞ୍ଚଳରେ ଥିବା ସମ୍ ହସ୍ପିଟାଲରେ କାର୍ଯ୍ୟରତ ଜଣେ ଡାକ୍ତର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶିଶୁ ବିଭାଗର ଡାକ୍ତର ଶିଶିର କୁମାର ସାହୁ (୩୨)। ସେ ଗତ ୨୦ଦିନ ତଳେ ବିବାହ କରିଥିବାବେଳେ ଘାଟିକିଆସ୍ଥିତ ବିପୁଲ ଗାର୍ଡେନରେ ପରିବାର ସହ ରହୁଥିଲେ। ପୋଲିସ ରାତି ପ୍ରାୟ ୮ଟାରେ ହସ୍ପିଟାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରିଛି। ଶିଶିର କାହିଁକି ଏବଂ କିପରି ଆତ୍ମହତ୍ୟା କଲେ ତାହାର କାରଣ ଜଣାପଡ଼ି ନ ଥିଲେ ହେଁ ତାଙ୍କ ପାଟିରୁ ଫେଣ ବାହାରିବା ସହ ମୃତଦେହ ପାଖରେ ଏକ ସିରିଞ୍ଜ ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ ସେ କୌଣସି ବିଷାକ୍ତ ଇଞ୍ଜେକ୍ସନ ନେଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି, ଶିଶିରଙ୍କ ମୃତଦେହକୁ ସମ୍ ହସ୍ପିଟାଲର ଆଇସିୟୁ ରୁମରେ ରଖାଯାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ଶୁକ୍ରବାର ତାଙ୍କ ମୃତଦେହକୁ ଏମ୍ସ କିମ୍ବା କ୍ୟାପିଟାଲ ହସ୍ପିଟାଲ ନିଆଯାଇ ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

ପୋଲିସ ସୂଚନା ଅନୁଯାୟୀ, ଡାକ୍ତର ଶିଶିର ଗୁରୁବାର ଅପରାହ୍ନରେ ହସ୍ପିଟାଲକୁ ଆସିଥିଲେ। ସନ୍ଧ୍ୟାରେ ସେ ହସ୍ପିଟାଲର ଖାଲି ଥିବା ଏକ କ୍ୟାବିନକୁ ଯାଇଥିଲେ। ବେଶ୍ କିଛି ସମୟ ଧରି ସେ ନ ଆସିବାରୁ ହସ୍ପିଟାଲ କର୍ମଚାରୀ ଉକ୍ତ କ୍ୟାବିନକୁ ଯାଇଥିଲେ। ଶିଶିର ବେଡ୍ ଉପରେ ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ପାଟିରୁ ଫେଣ ବାହାରୁଥିବା ସେମାନେ ଦେଖିବାକୁ ପାଇଥିଲେ। ଖବର ପାଇ ଡାକ୍ତରମାନେ ସେଠାରେ ପହଞ୍ଚି ଶିଶିରଙ୍କୁ ମୃତ ଘୋଷଣା କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଂଶୁମାନ



@ ମୁଣି



@ ବିଭୁ



@ ମନୋରଞ୍ଜନ



@ ରାକେଶ



@ ଗୁଡୁ

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

## ମହିଳାଙ୍କୁ ବଳାତ୍କାର ଓ ହତ୍ୟା ମାମଲା

ଖୋର୍ଦ୍ଧା ଅଫିସ,୧୨।୫

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ରାୟ ୮ବର୍ଷ ପରେ ପ୍ରକାଶ ପାଇଛି। ଏହି ମାମଲାର ବିଚାରକରି ଖୋର୍ଦ୍ଧା ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଦୌରାଜଜ୍ ସମର ବିଳାସ ବେହେରା ଅଭିଯୁକ୍ତ ସନ୍ତୋଷ କୁମାର ପଲେଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାଥାଉ କି, ୨୦୧୪ ମସିହାରେ ଅଭିଯୁକ୍ତ ସନ୍ତୋଷ ନିରାକାରପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଘରୋଇ କମ୍ପାନୀରେ ଋଣ କରାଇଦେବାକୁ ଡାକିଥିଲେ। ଏହି ବାହାନାରେ ସନ୍ତୋଷ ତାଙ୍କୁ ଏକ କାଜୁ ଜଙ୍ଗଲରେ ବଳାତ୍କାର ପରେ ହତ୍ୟା କରିଥିଲେ। ଏନେଇ ଥାନାରେ ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ପରେ ମୃତାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା ରୁଜୁକରି ସନ୍ତୋଷଙ୍କୁ ଗିରଫ କରିଥିଲା। ଗୁରୁବାର ଏହି ମାମଲାର ଶୁଣାଣି କରି ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଜନୀ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।



ବିଶିଷ୍ଟ ଶିଳ୍ପପତି, ସାମାଜିକ କର୍ମୀ ତଥା ବନ୍ୟପ୍ରାଣୀ ଫଟୋଗ୍ରାଫର ଅବିନାଶ ଖେମ୍‌କା ଗୁରୁବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିବା ସହ ତାଙ୍କ ଲିଖିତ କଫିଟେବୁଲ୍ ପୁସ୍ତକ 'ଦି ମ୍ୟାଜିକ୍ ଅଫ୍ ମଙ୍ଗଳାଯୋଡ଼ି'କୁ ପ୍ରଦାନ କରୁଛନ୍ତି।




ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ଦୁର୍ନୀତିର ସିବିଆଇ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିକରି ହାଇସ୍କୁଲ୍ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଚତୁର୍ଥ ଜାତୀୟ ନାଟକ ମହୋତ୍ସବର ଗୁରୁବାର ସନ୍ଧ୍ୟାରେ ପରିବେଷିତ ନାଟକ 'ହାର୍‌କିନ୍ ଦାସ ହିରୋ'ର ଏକ ଦୃଶ୍ୟ।

**ଗାଡ଼ି ଧକ୍କାରେ ଶ୍ରମିକ ମୃତ**

ଭୁବନେଶ୍ୱର (ବ୍ୟୁରୋ) : ଭରତପୁର ଥାନା ଅନ୍ତର୍ଗତ ଆଇଗଣିଆ ଫୁଲେଶ୍ୱରୀ କଲୋନୀ ନିକଟରେ ବୁଧବାର ରାତିରେ କୌଣସି ଏକ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜର ଘାସିରାମ ମୁର୍ମୁ। ସେ ଭୁବନେଶ୍ୱରରେ ରହି ଶ୍ରମିକ କାମ କରନ୍ତି। ସେ ବିଳମ୍ବିତ ରାତିରେ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ପ୍ରବଳ ରକ୍ତସ୍ରାବ ଯୋଗୁ ରାସ୍ତାରେ ପଡି ରହିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।



## ସଂକ୍ଷେପରେ

### ଥାନା ସମ୍ମୁଖରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ବାଙ୍କୀ,୧୨।୫(ସ୍ୱ.ପ୍ର.): ନ୍ୟାୟ ନ ମିଳିବାରୁ ବାଙ୍କୀ ବ୍ଲକ ବୈଦ୍ୟେଶ୍ୱର ଥାନା ସମ୍ମୁଖରେ ଜଣେ ମହିଳା କିରୋସିନି ଢାଳି ଆତ୍ମାହୁତି ଦେବାକୁ ଗୁରୁବାର ଉଦ୍ୟମ କରିଛନ୍ତି। ଏନେଇ ବୁଝାଶୁଝା କରିବା ପରେ ସେ ସେଥିରୁ ନିବୃତ୍ତ ହୋଇଥିଲେ। ସେ ହେଲେ ଏହି ଥାନା ଅନ୍ତର୍ଗତ ରଜୀବ ଗ୍ରାମର ରେଣୁକା ରଣା। ଅଭିଯୋଗ ଅନୁଯାୟୀ, ରେଣୁକାଙ୍କ ଭାଇ ବାସଗୃହ ଭାଙ୍ଗିଦେବା ସହ ନିର୍ଯାତନା ଦେଉଥିଲେ। ଏ ନେଇ ସେ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଅଧିକାରୀମାନେ କୌଣସି ପଦକ୍ଷେପ ନନେଇ ଓଲଟି ରେଣୁକାଙ୍କୁ ଥାନାରେ ଅଟକ ରଖିଥିଲେ। ଏହାର ପ୍ରତିବାଦରେ ସେ ଥାନା ସମ୍ମୁଖରେ ଧାରଣା ଦେବା ସହ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ବନ ବିହାରୀ ପ୍ରଧାନ କହିଛନ୍ତି, ଘରୋଇ ଗଣ୍ଡଗୋଳକୁ କେନ୍ଦ୍ର କରି ରେଣୁକା ଓ ତାଙ୍କ ଭାଇ ଭିତରେ ମତାନ୍ତର ହୋଇଛି। ଏନେଇ ନିଜ ଭିତରେ ସମସ୍ୟା ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି।

### ଆକ୍ରମଣ: ମା'ପୁଅ ଗିରଫ

ବାଲିପାଟଣା,୧୨।୫(ଡି.ଏନ୍.ଏ.): ଘରବାରି ବିବାଦକୁ କେନ୍ଦ୍ରକରି ଆକ୍ରମଣ କରିବା ଘଟଣାରେ ବାଲିପାଟଣା ପୋଲିସ ଗୁରୁବାର ମା' ଓ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ସରାଟ ଗ୍ରାମର ଦେବେନ୍ଦ୍ର ବେହେରା ଓ ତାଙ୍କ ମା'। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୨୩/୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଗ୍ରାମର ସଞ୍ଜୟ ବେହେରା ଖାଇବା ପରେ ହାତ ଧୋଉଥିବା ବେଳେ କୌଣସି କାରଣକୁ ନେଇ ସାବତ ଭାଇ ଦେବେନ୍ଦ୍ର ଓ ତାଙ୍କ ମା' ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ସଞ୍ଜୟ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା।

### ଦୟା ବ୍ରିଜ୍ ପାର୍ଶ୍ୱରେ ତାରଜାଲି ବାଡ଼ ଦାବି

ପୁରୁଣା ଭୁବନେଶ୍ୱର,୧୨।୫(ଡି.ଏନ୍.ଏ.): ପ୍ରତିଟି ସଭ୍ୟତାର ମୂଳ ଆଧାର ହେଉଛି ନଦୀ। ଯେଉଁ ଦେଶ ଓ ରାଜ୍ୟ ଦେଇ ନଦୀ ବହି ଯାଇଥାଏ, ସମ୍ପୃକ୍ତ ଅଞ୍ଚଳର ତାହା ଜୀବନରେଖା ପାଲଟିଥାଏ। ମାତ୍ର ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଦେଇ ଯାଇଥିବା ଦୟା ନଦୀ ବ୍ରିଜ ଉପରୁ ଲୋକେ ଅଳିଆ ଆବର୍ଜନା ଫିଙ୍ଗୁଥିବା ଦେଖିବାକୁ ମିଳୁଛି। ନଦୀକୂଳରେ ମଧ୍ୟ କୁଢ଼ କୁଢ଼ ଆବର୍ଜନା ଜମି ରହିଛି। ଦିନକୁ ଦିନ ନଦୀଜଳ ପ୍ରଦୂଷିତ ହେବାରେ ଲାଗିଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ବ୍ରିଜ୍ ପାର୍ଶ୍ୱରେ ତାରଜାଲି ଲଗାଇବାର ବ୍ୟବସ୍ଥା କରିବା ସହ ଆବର୍ଜନା ନ ଫିଙ୍ଗିବା ପାଇଁ ମାର୍ଗଦର୍ଶିକା ଜାରି କରାଯାଉ ବୋଲି ଦାବି ହୋଇଛି। ବାସଗୃହ ଏବଂ କଳକାରଖାନାରୁ ନିର୍ଗତ ବର୍ଜ୍ୟଜଳ ନଦୀକୁ ନ ଛାଡ଼ି ଅତ୍ୟାଧୁନିକ କୌଶଳର ଉପଯୋଗ କରିବା ପାଇଁ ସୁବ୍ୟବସ୍ଥା କରାଯାଉ ବୋଲି ପରିବେଶ ସୁଶାନ୍ତ ସାହୁ ଦାବି କରିଛନ୍ତି। ଏବେଠାରୁ ସୁରକ୍ଷା ପାଇଁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ନଦୀ ପୋତି ହୋଇଯିବ ବୋଲି ସାହୁ କହିଛନ୍ତି।

# ଅନ୍‌ଲାଇନରେ ହୋଲ୍ଡିଂ ଟିକସ ଆଦାୟ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୨।୫ (ବ୍ୟୁରୋ)

ଟିକସ ସଂଗ୍ରହରେ ସ୍ୱଚ୍ଛତା ଆଣିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରୟାସ ଜାରି ରଖିଥିବାବେଳେ ଏଣିକି କେବଳ ଅନ୍‌ଲାଇନ୍‌ରେ ହୋଲ୍ଡିଂ ଟିକସ ଦେୟ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଅଫ୍‌ଲାଇନ୍‌ରେ ହୋଲ୍ଡିଂ ଟିକସ ଗ୍ରହଣ ନ କରିବାକୁ ବିଏମ୍‌ସି କମିଶନର ସଞ୍ଜୟ ସିଂହ ନିର୍ଦ୍ଦେଶ ଦେବା ପରେ ଅନ୍‌ଲାଇନ୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍‌ଲାଇନ୍‌ରେ ଟିକସ ଆଦାୟ ପାଇଁ ୨ବର୍ଷ ହେବ ସ୍ୱତନ୍ତ୍ର ଆପ୍ 'ଭୁବନେଶ୍ୱର ଡଟ୍ ମି' ପ୍ରସ୍ତୁତ କରାଯାଇଥିଲେ ବି ସମସ୍ତେ ଏହାର ବ୍ୟବହାର କରୁ ନ ଥିଲେ। କେତେକ ୱାର୍ଡ ଅଫିସର ଟିକସ ଅର୍ଥ ବାଟମାରଣା କରୁଥିଲେ। ଫଳରେ ବିଏମ୍‌ସିକୁ କ୍ଷତି ସହିବାକୁ ପଡୁଥିଲା। ତେଣୁ ଅଫ୍‌ଲାଇନ୍‌ରେ କୌଣସି ହୋଲ୍ଡିଂ ଟିକସ ଆଦାୟ, ଆସେସମେଣ୍ଟ ଓ ରିଆସେସ୍‌ମେଣ୍ଟ ନ କରି ଏସବୁ କାର୍ଯ୍ୟ କେବଳ ଅନ୍‌ଲାଇନ୍‌ରେ କରିବାକୁ ଯାଉଛି ବିଏମ୍‌ସି। ଏଥିପାଇଁ ସମସ୍ତ ୱାର୍ଡ ଅଫିସରଙ୍କୁ ତାଲିମ ଦିଆଯାଉଛି। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ବୁଧବାର ପ୍ରଥମ ଦିନରେ ଉତ୍ତର ଜୋନ୍‌ର ୨୦ଜଣ ୱାର୍ଡ ଅଫିସର ଓ ଗୁରୁବାର ଦକ୍ଷିଣ-ପୂର୍ବ ଜୋନ୍‌ର ୨୬ଜଣ ୱାର୍ଡ ଅଫିସରଙ୍କୁ ତାଲିମ ଦିଆଯାଇଛି। ସ୍ମାର୍ଟସିଟି କନ୍‌ଫରେନ୍ସ ହଲ୍‌ରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଦକ୍ଷିଣ-ପଶ୍ଚିମ ଜୋନ୍‌ର ୱାର୍ଡ ଅଫିସରଙ୍କୁ ପରେ ତାଲିମ ଦିଆଯିବ ବୋଲି ସୂଚନା ଦିଆଯାଇଛି।

**ତାଲିମ ନେଲେ ୨ ଜୋନ୍‌ର ୱାର୍ଡ ଅଫିସର**

ପୂର୍ବରୁ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନରେ ଟିକସ ଗ୍ରହଣ କରାଯାଉଥିଲା। ଅଫ୍‌ଲାଇନ୍‌ରେ ଅଧିକ ଟିକସ ଆଦାୟ ହେଉଥିବାରୁ କେତେଜଣ ୱାର୍ଡ ଅଫିସର ବ୍ୟକ୍ତିଗତ ଫାଇଦା ପାଇଁ ଟିକସରେ ଏପଟସେପଟ କରୁଥିଲେ। ଲୋକଙ୍କ ହୋଲ୍ଡିଂ ଆସେସ୍‌ମେଣ୍ଟ ସମୟରେ ସେମାନେ ମୋଟ ଜାଗା ପରିମାଣ କମାଇ ଦେଉଥିଲେ। ଫଳରେ ଲୋକଙ୍କ ଟିକସ କମୁଥିଲା। ମାତ୍ର ଏବେ ଅନ୍‌ଲାଇନରେ ହୋଲ୍ଡିଂ ଟିକସ ଆଦାୟବେଳେ ବିଲ୍ଡିଂର ପ୍ଲାନ ଅନୁମୋଦନ ଅପଲୋଡ୍ କରିବାକୁ ହେବ। ଏଥିରୁ ବିଲ୍ଡିଂ କେତେ ଜାଗା ଉପରେ ନିର୍ମାଣ ହୋଇଛି ତାହା ଆପେ ଜଣାପଡିବ ଏବଂ ସେହି ଅନୁପାତରେ ଟିକସ ଗଣିବାକୁ ହେବ।

# ୧୫ରେ 'ଉତ୍କଳ ଟାଇକୁନସ୍ ଆୱାର୍ଡସ୍'



କାର୍ଯ୍ୟକ୍ରମ ସମ୍ପର୍କରେ ଉତ୍କଳ ଅପ୍‌ଡେଟ୍‌ସ ପକ୍ଷରୁ ସୂଚନା ଦିଆଯାଉଛି।

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ଆସନ୍ତା ୧୫ ତାରିଖରେ 'ଉତ୍କଳ ଟାଇକୁନସ୍ ଆୱାର୍ଡସ୍ ଓ ଭୁବନେଶ୍ୱର ରନ୍‌ୱେ ୱିକ୍ ସିଜନ-୬' ଭୁବନେଶ୍ୱରସ୍ଥିତ ୱେଲ୍‌କମ୍ ହୋଟେଲ୍‌ରେ ଅପରାହ୍ନ ୫ଟା ୩୦ରେ ଅନୁଷ୍ଠିତ ହେବ। ଗୁରୁବାର ଉତ୍କଳ ଅପଡେଟ୍‌ସ ଆଣ୍ଡ୍ ଆଡିକ୍ସନ ଫ୍ୟାଶନ ମ୍ୟାନେଜମେଣ୍ଟ ଆଣ୍ଡ୍ କନସଲଟାନ୍ସି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ବ୍ୟବସାୟ ଜଗତର ଅନେକ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ଭୁବନେଶ୍ୱର ରନ୍‌ୱେର ନିର୍ଦ୍ଦେଶକ ଜନ୍ ଅଜୟ କହିଛନ୍ତି, ଏହି ପୁରସ୍କାର ଜରିଆରେ ଆମେ ବ୍ୟବସାୟ ଜଗତର ଟାଇକୁନ୍‌ମାନଙ୍କୁ ମାନ୍ୟତା ପ୍ରଦାନ କରିବୁ। ଭୁବନେଶ୍ୱର ୱିକ୍ ସିଜନ୍ ୬ରେ ଡିଜାଇନରମାନେ ସେମାନଙ୍କ ଡିଜାଇନ୍‌କୁ ପ୍ରଦର୍ଶନ କରିବେ। ଏଥିରେ ପାଖାପାଖି ୩୦ ମଡେଲ୍ ଅଂଶଗ୍ରହଣ କରିବେ। ଉତ୍କଳ ଅପ୍‌ଡେଟ୍‌ସର ପ୍ରତିଷ୍ଠାତା ସୁଶ୍ରୀ ସଙ୍ଗିତା ସାହୁ କହିଛନ୍ତି, ବ୍ୟବସାୟ ଦୁନିଆରେ ଓଡ଼ିଶାର ବହୁ ଷ୍ଟାର୍ଟଅପ୍ ଭଲ କାମ କରୁଛନ୍ତି। ତଳକୁ ଖସିଯାଇଥିବା ଓଡ଼ିଶାର ଫ୍ୟାଶନ ଷ୍ଟେଟମେଣ୍ଟରେ ଉନ୍ନତି ଆଣିବା ଲାଗି ଡିଜାଇନରଙ୍କ ଡିଜାଇନ୍‌କୁ ମଡେଲ୍‌ମାନେ ପ୍ରଦର୍ଶନ କରିବେ। ଓଲିଉଡ୍ ସେଲିବ୍ରିଟି ଏଲିନା ସାମନ୍ତରାୟ ଓ ଭୂମିକା ପ୍ରମୁଖ ଯୋଗଦେବେ। କାର୍ଯ୍ୟକ୍ରମରେ ପ୍ରିୟା ଏସ୍‌ର ପ୍ରିୟା ମହାପାତ୍ର, ଟାସା ୱିଙ୍ଗ୍‌ସର ସିପ୍ରା ଦାସ), ଟିପି ଗାର୍ମେଣ୍ଟସ୍‌ର ସାବିତ୍ରୀ ପାଣିଗ୍ରାହୀ, ଏଜେ ଫ୍ୟାଶନ ରିଅଲ୍‌ମର ସେଲିନା ଦାସଅନ୍ ଓ ରିମ୍‌ଲି ଡିଜାଇନ୍ ଷ୍ଟୁଡିଓ ଭଳି ବ୍ରାଣ୍ଡର ଫ୍ୟାଶନ ଡିଜାଇନରଙ୍କୁ ଦେଖିବାକୁ ମିଳିବ।

# ୪୦ ଜଣଙ୍କୁ ସୁଭାଷ ବୋଷ ପ୍ରତିଭା ସମ୍ମାନ




କୁସୁମ ଟିଭିର ଚତୁର୍ଥ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୨।୫(ବ୍ୟୁରୋ)

କୁସୁମ ଟିଭିର ଚତୁର୍ଥ ବାର୍ଷିକ ଉତ୍ସବ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରତିଭା ସମ୍ମାନ-୨୦୨୨ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କୁସୁମ ଟିଭିର ଅଧ୍ୟକ୍ଷା କୁସୁମ ମଞ୍ଜରୀ ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟକ କୁସୁମ ଟେଟେ, ଅନ୍ୟତମ ଅତିଥି କିସ୍ ଷ୍ଟୁଡେଣ୍ଟ କାଉନସେଲିଂ ଡାଇରେକ୍ଟର ସୁଚିତ୍ରା ପ୍ରିୟବର୍ଦ୍ଧନୀ, ପ୍ରିୟରଞ୍ଜନ ସ୍ୱାଇଁ, ଆଇନ୍ ସେବା ସଂସ୍ଥାର ସଭାପତି ଡ. ବିକାଶ ଦାସ, ଉତ୍କଳ ୟୁନିଭର୍ସିଟିର ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ନାୟକ, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୪୦ ଜଣ ବ୍ୟକ୍ତିଙ୍କୁ ସୁଭାଷ ବୋଷ ପ୍ରତିଭା ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଦୀପକ ଶତପଥୀ ଧନ୍ୟବାଦ ଦେଇଥିଲେ।

# ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଙ୍କ ଜନ୍ମ ଶତବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ପ୍ରଭାତ ରଞ୍ଜନ ସରକାର ଓରଫ ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିୱାଇଏସ୍‌ଡି ପ୍ରତିଷ୍ଠାତା ତଥା ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ଆନନ୍ଦମାର୍ଗ ଏକ ଅଗ୍ରଣୀ ଓ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପ୍ରାଧ୍ୟାପକ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ଯୋଗଦେଇ ଆଧୁନିକ ସମାଜର ସମସ୍ୟାକୁ ଉପସ୍ଥାପନ କରିବା ସହିତ ପ୍ରଭାତଙ୍କର ପ୍ରବର୍ତ୍ତିତ ନବ୍ୟମାନବତାବାଦ ଏବଂ ଅନ୍ୟାନ୍ୟ ଗୁଣ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆନନ୍ଦମାର୍ଗ କେନ୍ଦ୍ରୀୟ ପ୍ରଶିକ୍ଷଣ ସଚିବ ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପ୍ରିୟକୃଷ୍ଣାନନ୍ଦ ଅବଧୂତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଇଂଲିଶ ଓ ଓଡ଼ିଆ ଭାଷାରେ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ରାଜ୍ୟ ଶାଖା ସଭାପତି ଇଞ୍ଜିନିୟର କୈଳାସ ଚନ୍ଦ୍ର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ଆଜିଠୁ ବାଣିଜ୍ୟ ସମ୍ପର୍କିତ ୩ଦିନିଆ ସମ୍ମିଳନୀ




ଭୁବନେଶ୍ୱର,୧୨।୫(ବ୍ୟୁରୋ)

ଦି ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆ (ଆଇସିଏଆଇ) କମିଟି ଅନ୍ କଷ୍ଟ ମ୍ୟାନେଜମେଣ୍ଟ ଫର୍ ପବ୍ଲିକ ଏଣ୍ଡ୍ ଗଭର୍ନମେଣ୍ଟ ସର୍ଭିସେସ୍ ଓ ଭୁବନେଶ୍ୱର ଚାପ୍ଟରର ମିଳିତ ଉଦ୍ୟମରେ ମେ ୧୩ରୁ ୧୫ ତାରିଖ ଯାଏ କଷ୍ଟ ଏକ୍ସେଲେନ୍ସ- ଏ ସଷ୍ଟେନେବୁଲ ବିଜିନେସ୍ ଷ୍ଟ୍ରାଟେଜି ବିଷୟବସ୍ତୁ ଉପରେ ଆଚାର୍ଯ୍ୟ ବିହାରସ୍ଥିତ ଆଇଏମ୍‌ଏମ୍‌ଟି ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଗୁରୁବାର ସିଏମ୍‌ଏ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ୩ ଦିନିଆ ସମ୍ମିଳନୀରେ ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ମେୟର ସୁଲୋଚନା ଦାସ, ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ଆଇଆର୍‌ଇଡିଏ (ଦିଲ୍ଲୀ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଓ ଓଏଚ୍‌ପିସି ଲିଃର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାର ପ୍ରମୁଖ ଯୋଗଦେବେ। କମିଟିର ଅଧ୍ୟକ୍ଷ ତଥା କେନ୍ଦ୍ରୀୟ ସଭ୍ୟ ସିଏମ୍‌ଏ ନିରଞ୍ଜନ ମିଶ୍ର ଓ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସିଏମ୍‌ଏ ହିମୋଜ ମିଶ୍ର ଏ ସଂକ୍ରାନ୍ତରେ ମତବ୍ୟକ୍ତ କରିଛନ୍ତି। ଏହି ସେମିନାରରେ ପ୍ୟାନ୍ ଇଣ୍ଡିଆ ପକ୍ଷରୁ ଜାତୀୟସ୍ତରର ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିମାନେ ଯୋଗଦେଇ ବିଭିନ୍ନ ଟେକ୍ନିକାଲ୍ ସେସନର ମୂଲ୍ୟ ନିର୍ଦ୍ଧାରଣ ଓ ତା'ର ନିୟନ୍ତ୍ରଣ ଉପରେ ଆଲୋଚନା କରିବେ। ଏହି ସମାରୋହର ସ୍ମୃତି ଉପଲକ୍ଷେ ଅତିଥିମାନଙ୍କ ଦ୍ୱାରା ଏକ ସୋଭେନିର ଏବଂ ଦ୍ୱିମାସିକ ପତ୍ରିକା 'ଦ ଏକଷ୍ଟ୍ରାମାଇଲ୍ସ' ଉନ୍ମୋଚିତ ହେବ।

# 'ଦକ୍ଷ ନର୍ସିଂ ମାନବ ସମ୍ବଳ ସୃଷ୍ଟି କରିବା ବଡ଼ ଆହ୍ୱାନ'

ଭୁବନେଶ୍ୱର, ୧୨।୫ (ବ୍ୟୁରୋ)




କୃତୀ ନର୍ସିଂ ଛାତ୍ରୀଙ୍କୁ ଏମ୍‌ସ ଅଧୀକ୍ଷକ ଡା. ଏସ୍.ଏନ୍. ମହାନ୍ତି ପୁରସ୍କୃତ କରୁଛନ୍ତି।

କୋଭିଡ୍ ମହାମାରୀ ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହୋଇଥିବା ଦୁର୍ବଳ ନିବେଶ ଓ ଅବହେଳାକୁ ସାମ୍ନାକୁ ଆଣିଛି। ସେହିଭଳି ଏହି କ୍ଷେତ୍ରରେ ସେବିକା(ନର୍ସ)ଙ୍କର ଏକ ପ୍ରମୁଖ ଭୂମିକା ରହିଛି। ତେଣୁ ଉତ୍ତମ ନିବେଶ କରିବା ସହିତ ସମଗ୍ର ବିଶ୍ୱରେ ଏକ ସ୍ଥାୟୀ, ସୁଶିକ୍ଷିତ ତଥା ଉଚ୍ଚମାନର ତାଲିମପ୍ରାପ୍ତ ନର୍ସିଂ ମାନବ ସମ୍ବଳ ସୃଷ୍ଟି କରିବା ବର୍ତ୍ତମାନ ସମୟର ଏକ ବଡ଼ ଆହ୍ୱାନ ହୋଇଛି। ଗୁରୁବାର ଏମ୍‌ସ ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ତଥା ବିଶେଷଜ୍ଞମାନେ ଏହା କହିଛନ୍ତି। ଏମ୍‌ସ ଭୁବନେଶ୍ୱର କଲେଜ ଅଫ୍ ନର୍ସିଂ ଏବଂ ଷ୍ଟୁଡେଣ୍ଟସ ନର୍ସ ଆସୋସିଏଶନ ପକ୍ଷରୁ କଲେଜ ମିନି ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ୍‌ସ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଯେ କୌଣସି ମହାମାରୀର ମୁକାବିଲା ପାଇଁ ନର୍ସିଂ ଶିକ୍ଷା, ଦକ୍ଷତା ତାଲିମ ଏବଂ ନେତୃତ୍ୱ ପ୍ରଶିକ୍ଷଣରେ ବିନିଯୋଗ କରିବାକୁ ଅଧିକ ଧ୍ୟାନ ଦେବାକୁ ପଡିବ। କଲେଜ ଅଫ୍ ନର୍ସିଂର ଆସୋସିଏଟ ପ୍ରଫେସର ଡା. ଏଲ ଆନନ୍ଦ ସ୍ୱାଗତ ଭାଷଣ ଓ ଆସୋସିଏଟ ପ୍ରଫେସର ଡା. ଏମ୍. ଭି. ସ୍ମିଥ ଦିବସ ସମ୍ପର୍କରେ କହିଥିଲେ। ଏହି ଅବସରରେ ହେମ୍ପି ବାଇଜେ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜୀବନ ଇତିହାସ ସମ୍ପର୍କରେ ବକ୍ତୃତା ଓ ନର୍ସିଂ ଶିକ୍ଷା ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନର୍ସ ସପ୍ତାହ ପାଳନ ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ଅଧୀକ୍ଷକ ଡା. ଏସ୍.ଏନ୍. ମହାନ୍ତି ପୁରସ୍କୃତ କରିଥିଲେ। ସାମ୍ ଜୋସ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବାର୍‌ହା ଆକ୍ରମଣରେ ବୃଦ୍ଧା ମୃତ

ଖୁଣ୍ଟୁଣୀ,୧୨।୫(ଡି.ଏନ୍.ଏ.)

ବାର୍‌ହା ଆକ୍ରମଣରେ ଗୁରୁବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଡେରା ଗ୍ରାମର ଚାରିମା ଗଡସରା। ମଧ୍ୟାହ୍ନରେ ସେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ଏକ ବାର୍‌ହା ଆସି ତାଙ୍କୁ ଆକ୍ରମଣ କରିଥିଲା। ଜଙ୍ଗଲ ବିଭାଗ ଗାଡ଼ିରେ ତାଙ୍କୁ ଆଠଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ଚାରିମାଙ୍କୁ ମୃତ ଘୋଷଣା କରିଥିଲେ।

# କାନନବାଳା ପଟ୍ଟନାୟକଙ୍କ ୪ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ମହିଳା ଦକ୍ଷତା ସମିତି ଆନୁକୂଲ୍ୟରେ ଗୁରୁବାର କବି, ଅନୁବାଦିକା ତଥା କଥାକାର କାନନବାଳା ପଟ୍ଟନାୟକଙ୍କ ଚାରୋଟି ପୁସ୍ତକ ବୁଦ୍ଧମନ୍ଦିରରେ ଲୋକାର୍ପିତ ହୋଇଯାଇଛି। ଉକ୍ତ ପୁସ୍ତକଗୁଡ଼ିକ ହେଲା 'କସ୍ତୁରୀ ଓ ଅନ୍ୟାନ୍ୟ ଗଳ୍ପ', 'ମାଟି ମହକ', 'ଭକ୍ତି ନିବେଦନ' ଏବଂ ' ଭାବ ବନ୍ଧନ'। ସମିତି ସଭାପତି ଡ. ସୁଚେତା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତା ଭାବରେ ଲେଖିକା ଶକୁନ୍ତଳା ବଳିୟାରସିଂହ ଓ ଶିଶୁ ସାହିତ୍ୟିକ ଡ. କୁଳମଣି ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁସ୍ତକ ଉନ୍ମୋଚନ ସହ ସାତଜଣ ସାହିତ୍ୟିକ ଦେବାଶିଷ ମହାପାତ୍ର, ଚମକଚାନ୍ଦିନୀ ଦାଶ, ମାତୃଦତ୍ତ ମହାନ୍ତି, ବିଜୟ କୁମାର ମହାନ୍ତି, ସ୍ମୃତି ପଟ୍ଟନାୟକ, ଅମରେଶ ବିଶ୍ୱାଳ ଓ କସ୍ତୁରୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମିନତୀ ବେହେରା ମଞ୍ଚ ପରିଚାଳନା ଓ ଡ. ଅଞ୍ଜଳି ତ୍ରିପାଠୀ ଶେଷରେ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)




କ୍ୟାପିଟାଲ ହସ୍ପିଟାଲ ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ମେୟରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କ୍ୟାପିଟାଲ ହସ୍ପିଟାଲରେ ଅନ୍ତର୍ଜାତୀୟ ସେବିକା ଦିବସ**

କ୍ୟାପିଟାଲ ହସ୍ପିଟାଲ ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ ଗୁରୁବାର ୟୁନିଟ୍-୬ସ୍ଥିତ ଆଇଏମ୍ ଇନଷ୍ଟିଚ୍ୟୁଟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ କଟକ ମେୟର ସୁବାସ ସିଂ ପ୍ରମୁଖ ଯୋଗ ଦେଇ କ୍ୟାପିଟାଲ ହସ୍ପିଟାଲ ନର୍ସିଂ ଅଫିସର ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ଭୂୟସୀ ପ୍ରଶଂସା କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକା ବା ନର୍ସଙ୍କ ଅବଦାନ ଅତୁଳନୀୟ। ସେମାନେ ଦିନରାତି ରୋଗୀଙ୍କୁ ସେବା ଯୋଗାଇ ଆସୁଛନ୍ତି। କୋଭିଡ୍ ମହାମାରୀ ସମୟରେ ଆକ୍ରାନ୍ତଙ୍କ ଚିକିତ୍ସା କ୍ଷେତ୍ରରେ ସେମାନେ ପ୍ରମୁଖ ଭୂମିକା ନେଇଥିଲେ ବୋଲି ଅତିଥିମାନେ କହିଥିଲେ। ସଂଘ ତରଫରୁ ସମ୍ପାଦିକା ସୁମତି ପାଇକରାୟ ଅତିଥିଙ୍କ ନିକଟରେ ସଂଘର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନ କରିବା ସହିତ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଅତିଥିମାନେ ଦାବିପତ୍ରକୁ ଗ୍ରହଣ କରି ଯଥା ସମ୍ଭବ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିମା ସାମନ୍ତରାୟ, ଆରତିଲତା ଖୁଣ୍ଟିଆ, ପ୍ରଭାତୀ ମହାନ୍ତି ଏବଂ ଲକ୍ଷ୍ମୀପ୍ରିୟା ଜେନାଙ୍କୁ 'ନାଇଟ୍‌ଙ୍ଗେଲ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ସଭାପତି ପୁଷ୍ପଲତା ମହାନ୍ତି, ସମ୍ପାଦିକା ସୁମତୀ ପାଇକରାୟ, କାର୍ଯ୍ୟକାରିଣୀ ସଦସ୍ୟା କେତକୀ ନାଥ, ସସ୍ମିତା ଧଳ, ବିଜନବାଳା ଖଣ୍ଡେଇ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# 'ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସମର୍ପିତ ବ୍ୟକ୍ତି ସବୁଠି ପ୍ରଶଂସିତ'

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

**ଏମ୍. ଏମ୍. ରାଜେନ୍ଦ୍ରନଙ୍କ ପୁସ୍ତକ 'ସର୍ଭିସ୍ ଅନ୍‌ଇଣ୍ଟ୍ରପ୍‌ଟେଡ୍' ଉନ୍ମୋଚିତ**




ପୁସ୍ତକ ଉନ୍ମୋଚନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ପୂର୍ବତନ ରାଜ୍ୟପାଳ ଏମ୍. ଏମ୍. ରାଜେନ୍ଦ୍ରନ୍ ଓ ଅନ୍ୟମାନେ।

ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ଏବଂ ସମର୍ପିତ ବ୍ୟକ୍ତି ସବୁ ସ୍ତରରେ ପ୍ରଶଂସିତ। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ୍. ରାଜେନ୍ଦ୍ରନ୍ ଏହାର ଏକ ସଫଳ ଦୃଷ୍ଟାନ୍ତ, ଯିଏ ବିଭିନ୍ନ ଉଚ୍ଚପଦବୀରେ ନିରନ୍ତର ସେବା ପ୍ରଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ଯୁବପିଢ଼ିଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ରାଜେନ୍ଦ୍ରନଙ୍କ ଲିଖିତ ଇଂଲିଶ ପୁସ୍ତକ 'ସର୍ଭିସ୍ ଅନ୍‌ଇଣ୍ଟ୍ରପ୍‌ଟେଡ୍'କୁ ଲୋକାର୍ପଣ କରି କହିଛନ୍ତି। ରାଜେନ୍ଦ୍ରନ୍ ନିଜର ଦୀର୍ଘ ଅଭିଜ୍ଞତା, ପ୍ରଶାସନିକ ଦକ୍ଷତା ଏବଂ ଜ୍ଞାନକୁ ନେଇ ପୁସ୍ତକ ରଚନା କରିଥିବାରୁ ରାଜ୍ୟପାଳ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ପୁସ୍ତକ ସବୁ ବର୍ଗର ଜନସାଧାରଣଙ୍କ ପାଇଁ ଉପାଦେୟ ହେବ ବୋଲି କହିଛନ୍ତି। ସେହିପରି ପୂର୍ବତନ ରାଜ୍ୟପାଳ ରାଜେନ୍ଦ୍ରନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ କାର୍ଯ୍ୟ କରିବା ସମୟରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ଏବଂ ଓଡ଼ିଶାର ରାଜ୍ୟପାଳ ଭାବେ କାର୍ଯ୍ୟ କରିବାର ଅନୁଭୂତି କହିଥିଲେ। ସେ କହିଲେ, ଓଡ଼ିଶାର ରାଜ୍ୟପାଳ ଭାବେ କାର୍ଯ୍ୟ କରିବାର ଅନୁଭୂତି ଅନନ୍ୟ। ଯେ କୌଣସି କାର୍ଯ୍ୟରେ ନିଜର ସବୁ କିଛି ଦେଇ କାର୍ଯ୍ୟ କଲେ ସଫଳତା ସହ ସନ୍ତୋଷ ମିଳିବ। କାର୍ଯ୍ୟକ୍ରମରେ ରାଜେନ୍ଦ୍ରନଙ୍କ ପତ୍ନୀ ସୁଶୀଳା ରାଜେନ୍ଦ୍ରନ, ବିପିୟୁଟିର ପ୍ରଥମ କୁଳପତି ତଥା ଏଆଇସିଟିର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଶୋକ କୁମାର ମହାପାତ୍ର, ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ହର ଆନନ୍ଦ ପବ୍ଲିକେଶନ ଦ୍ୱାରା ଏହି ପୁସ୍ତକ ପ୍ରକାଶିତ ହୋଇଥିବାବେଳେ ପ୍ରକାଶକ ନରେନ୍ଦ୍ର କୁମାର ପୁସ୍ତକ ସମ୍ପର୍କରେ କହିଥିଲେ ।

## ସଂକ୍ଷେପରେ

### ପେସାଦାର ଅପରାଧୀ ଗିରଫ

ପୁରୀ ଅଫିସ,୧୨।୫ - ପୁରୀ ସହରରେ ଲୁଟ୍, ହତ୍ୟା, ଛିନ୍ତାଇ ଭଳି ବିଭିନ୍ନ ଅପରାଧରେ ଜଡ଼ିତ ଜଣେ ପେସାଦାର ଅପରାଧୀଙ୍କୁ ପୁରୀ ପୋଲିସ ଜାତୀୟ ସୁରକ୍ଷା ଅଧିନିୟମ ଅନୁଯାୟୀ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଟାଉନଥାନା ଅନ୍ତର୍ଗତ ପଥୁରିଆ ସାହିର ଶଶାଙ୍କ ଶେଖର ନାୟକ (୩୨)। ପୋଲିସ ସୂଚନା ଅନୁଯାୟୀ, ଶଶାଙ୍କ ପୁରୀ ଟାଉନଥାନା ଅଞ୍ଚଳ ଓ ଜିଲାରେ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ଚୋରି ଓ ସାଧାରଣ ଲୋକଙ୍କୁ ଧମକ ଦେଇଆସୁଥିଲେ। ଶଶାଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ଥିବାବେଳେ ପୋଲିସ ପାଇଁ ପେସାଦାର ଅପରାଧୀ ପାଲଟିଯାଇଥିଲା। ବିଭିନ୍ନ ମାମଲାରେ ସମ୍ପୃକ୍ତି ରହି ଫେରାର ଥିବା ବେଳେ ପୋଲିସ ପୁରୀ ଅଞ୍ଚଳର ଏକ ସ୍ଥାନରେ ଚଢ଼ାଉ କରି ଶଶାଙ୍କଙ୍କୁ ଧରିଥିଲେ। ପୂର୍ବରୁ ଗତ ୨ ତାରିଖରେ ସଦରଥାନା ଅନ୍ତର୍ଗତ ବିଲକାଙ୍ଗୁଡା ଗ୍ରାମର ପେସାଦାର ଅପରାଧୀ ବୁଟୁ ଓରଫ ବଟକୃଷ୍ଣ ସ୍ୱାଇଁ ଗିରଫ କରିଥିଲା। ପୁରୀ ପୋଲିସ ପକ୍ଷରୁ ୧୧୦ ସିଆରପିସି ଅନୁଯାୟୀ ୫୫ଜଣ ଭେଟେରାନ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ମଦ କାରବାର ରୋକାଯିବାକୁ ଦାବି

ଅସ୍ତରଙ୍ଗ,୧୨।୫(ଡି.ଏନ୍.ଏ.): ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ଚୋରା ମଦ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଯୁବକଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ମଦ ପିଇ ଚୋରି, ଲୁଟ୍ ଭଳି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହାଦ୍ୱାରା ଅଞ୍ଚଳବାସୀ ମଧ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ମଦ କାରାବାରରେ ରୋକ ଲଗାଇବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଅସ୍ତରଙ୍ଗ ମୁଖ୍ୟ ବଜାରରେ ଗୋଟିଏ ସରକାରୀ ଠିପି ବନ୍ଦ ମଦ ଦୋକାନ ଥିବାବେଳେ ଗୋଟିଏ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନ ରହିଛି। ସମ୍ପୃକ୍ତ ମଦ ଦୋକାନ ଦୁଇଟିରୁ ଦିନରାତି ବେଧଡକ ଭାବେ ଗ୍ରାମାଞ୍ଚଳକୁ ମଦ ଚାଲାଣ ହେଉଥିବାରୁ ଗାଁ ଗଣ୍ଡାରେ ପରିସ୍ଥିତି ଅଶାନ୍ତ ହୋଇପଡିଛି। ଛକରେ ମଦ୍ୟପଙ୍କ ଆଡ୍ଡା ଜମୁଛି। ଛାତ୍ରୀଛାତ୍ର, ମହିଳା ଓ ପଥଚାରୀମାନେ ଚଳ ପ୍ରଚଳ ପାଇଁ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏଥିସହିତ ଏହାକୁ ସେବନ କରି ଦୁରାରୋଗ୍ୟବ୍ୟାଧିରେ ଜୀବନ ମରଣ ସହ ସଂଗ୍ରାମ କରୁଥିବା ଏବଂ କେତେଜଣ ଯୁବକ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ସାମାଜିକକର୍ମୀ ଦୁଷ୍ମନ୍ତ ପରିଡ଼ା ଅଭିଯୋଗ କରି ମଦ କାରବାର ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି। ଏତଦ୍‌ବ୍ୟତୀତ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଥିବା ମଦ ଦୋକାନ ଦୁଇଟିକୁ ଆଜି ପର୍ଯ୍ୟନ୍ତ ମହିଳା ସଂଘ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ବିରୋଧ କରି ନିଶାମୁକ୍ତ ଅସ୍ତରଙ୍ଗ ସଂକଳ୍ପ ଆଧାରରେ ମଦ ଦୋକାନ ବନ୍ଦ କରିବାକୁ ଦାବି କରିଛନ୍ତି।

### ଗାଡ଼ି ଧକ୍କାରେ ଶ୍ରମିକ ମୃତ

ଭୁବନେଶ୍ୱର,୧୨।୫(ବ୍ୟୁରୋ) : ଭରତପୁର ଥାନା ଅନ୍ତର୍ଗତ ଆଇଗଣିଆ ଫୁଲେଶ୍ୱରୀ କଲୋନୀ ନିକଟରେ ବୁଧବାର ରାତିରେ କୌଣସି ଏକ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜର ଘାସିରାମ ମୁର୍ମୁ। ସେ ଭୁବନେଶ୍ୱରରେ ରହି ଶ୍ରମିକ କାମ କରନ୍ତି। ସେ ବିଳମ୍ବିତ ରାତିରେ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ପ୍ରବଳ ରକ୍ତସ୍ରାବ ଯୋଗୁ ରାସ୍ତାରେ ପଡି ରହିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

# ମା’ ରାମଚଣ୍ଡୀଙ୍କ ହାଣ୍ଡିଭଙ୍ଗା ଯାତ

- ମହାଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ
- କରୋନା କଟକଣା ଯୋଗୁ ୨ବର୍ଷ ବନ୍ଦ ଥିଲା

କୋଣାର୍କ,୧୨।୫(ଡି.ଏନ୍.ଏ.)

ମା’ ରାମଚଣ୍ଡୀଙ୍କ ପୀଠରେ ବୈଶାଖ ମାସର ନୀତିକାନ୍ତି ଅନୁଯାୟୀ ଗୁରୁବାର ହାଣ୍ଡିଭଙ୍ଗା ଯାତ ଅନୁଷ୍ଠିତ ହୋଇଯାଇଛି। ଏଥିସହ ମା’ ଭକ୍ତମାନଙ୍କୁ ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ତ୍ରିଦିବସୀୟ ଚଣ୍ଡୀ ମହାଯଜ୍ଞ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଚାର ପ୍ରସାର ଓ ସମନ୍ୱୟ ଅଭାବରୁ ଏହି ପରମ୍ପରା ଏବେ ହଜିଯିବାକୁ ବସିଲାଣି। ନିକଟସ୍ଥ ଖାଲକଟାପାଟଣା ଓ ଟିକନା ଗ୍ରାମର ମହିଳାମାନେ ଏହି ଦିନରେ ଉପବାସ ରହି ମିଳିତ ହୋଇ ଦୁଇ ଗ୍ରାମରୁ ରାମଚଣ୍ଡୀ ପୀଠ ଅଭିମୁଖେ ବାହାରିଥିଲେ। ନୂଆ ଲୁଗା ପରିଧାନ କରି କାନିରେ ହାଣ୍ଡିରନ୍ଧା ସାମଗ୍ରୀ ଆଣିଥିଲେ। ପୂଜକ ଓ ମାଳି ମା’ଙ୍କ ରୋଷଘର ଚୁଲାରୁ ଅଗ୍ନି ଆଣି ଚୁଲିରେ ଅଗ୍ନି ସଂଯୋଗ କରିବା ପରେ ମନ୍ଦିର ବେଢାର ପଶ୍ଚିମ ପାର୍ଶ୍ୱରେ ରୋଷେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅରୁଆ ଚାଉଳ, ଚିନି, ଘିଅ, ନଡ଼ିଆ ମିଶାଇ ମାଟି ହାଣ୍ଡିରେ ଖେଚୁଡି ପ୍ରସ୍ତୁତ କରିଥିଲେ। ଏହି ସମୟରେ ମା’ଙ୍କ ରୋଷଘରେ ପୂଜକ ମଧ ଖେଚୁଡି ପ୍ରସ୍ତୁତ କରିବା ପରେ ଭୋଗ ଲାଗିଥିଲା। ଏହାପରେ କଦଳୀ ପତ୍ରରେ ଖେଚୁଡି ବାଢିଥିଲେ। ଖେଚୁଡିର କିଛି ଭାଗକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଯିବାବେଳେ ମହିଳାମାନେ ପୂଜକଙ୍କୁ ଅନୁସରଣ କରି ନିଜ ହାଣ୍ଡିକୁ ଧରି ବାହାରିଥିଲେ। ମା’ଙ୍କ ପଶ୍ଚିମ-ଉତ୍ତର କୋଣରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ପ୍ରଦକ୍ଷିଣ କରିବା ପରେ ବନ୍ତ ଚୂଡାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡି ଭାଙ୍ଗି ଥିଲେ। ଏହାପରେ ଆନନ୍ଦ ମନରେ ଘରକୁ ଫେରିଥିଲେ। ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗି ନ ଥିବ ସେହି ମହିଳା ନିଜ ପରିବାରର କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ପରଦିନ ପ୍ରତ୍ୟୁଷରେ ମା’ଙ୍କ ନିକଟରେ ଗୁହାରିଆ ପଡିବେ। କରୋନା କଟକଣା ଯୋଗୁ ଗତ ଦୁଇ ବର୍ଷ ହେଲା ଏହି ଯାତ ବନ୍ଦ ରହିଥିଲା। ଏହି କାର୍ଯ୍ୟକ୍ରମକୁ ମା’ ରାମଚଣ୍ଡୀ ଉନ୍ନୟନ କମିଟି, ରାମଚଣ୍ଡୀ ବଜାର କମିଟି, ସେବାୟତ, କର୍ମକର୍ତ୍ତା ପ୍ରମୁଖ ପରିଚାଳନା କରିଥିଲେ।


ମା’ ରାମଚଣ୍ଡୀଙ୍କ ପୀଠରେ ମହିଳାମାନେ ରୋଷେଇ କରୁଛନ୍ତି ।


ନିଜ ହାଣ୍ଡି ଭାଙ୍ଗିବା ପାଇଁ ବାହାରିଥିବା ମହିଳାମାନେ ।

## ରଥଖଳାରୁ

# ତୁମ୍ବ ବିନ୍ଧ କାମ ଚାଲିଛି, ଅରକଣ୍ଟା ତିଆରି ଶେଷ



### କାର୍ଯ୍ୟ ଅନୁଧ୍ୟାନ କଲେ ଜିଲାପାଳ

ପୁରୀ ଅଫିସ, ୧୨।୫

ଶ୍ରୀନଅରସ୍ଥିତ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁବାର ଶ୍ରୀମନ୍ଦିର ଉପପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ରଥଖଳା ବୁଲି କାର୍ଯ୍ୟ ସମୀକ୍ଷା କରିଥିବା ବେଳେ ଏସ୍‌ପି କନଓ୍ୱର ବିଶାଲ ସିଂହ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ତିନି ରଥର ତୁମ୍ବ ବିନ୍ଧ ସହ ତୁମ୍ବରେ ଅରକଣ୍ଟା ବିନ୍ଧ କାମ କରାଯାଇଛି। ତାଳଧ୍ୱଜ ରଥର ୧୪ଟି ଚକ ପାଇଁ ୧୪ଟି ତୁମ୍ବରୁ ୯ଟିର ବିନ୍ଧକାର୍ଯ୍ୟ ଶେଷ ହୋଇଛି। ଏଥି ସହ ୪ଟି ତୁମ୍ବରେ ଅରକଣ୍ଟା ବିନ୍ଧ କାର୍ଯ୍ୟ ସରିଛି। ଦେବଦଳନ ରଥର ୧୨ଟି ଚକ ପାଇଁ ୧୨ ତୁମ୍ବ ମଧ୍ୟରୁ ୭ଟିର ବିନ୍ଧକାର୍ଯ୍ୟ ଓ ୬ଟି ତୁମ୍ବର ଅରକଣ୍ଟା ବିନ୍ଧ କାର୍ଯ୍ୟ ସରିଛି। ନନ୍ଦିଘୋଷ ରଥର ୧୬ଟି ଚକ ପାଇଁ ୧୬ଟି ତୁମ୍ବରୁ ୧୦ଟିର ବିନ୍ଧ କାର୍ଯ୍ୟ ଓ ୪ଟି ତୁମ୍ବର ଅରକଣ୍ଟା ବିନ୍ଧ କାର୍ଯ୍ୟ ସରିଛି। ଅପରପକ୍ଷରେ ଦୋଳବେଦିସ୍ଥିତ କମାରଶାଳରେ ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ପଦାରୀ ପୋଡ଼ା ଓ ପଦାରୀ ମଠା କାର୍ଯ୍ୟ ଜାରି ରଖିଛନ୍ତି। ନନ୍ଦିଘୋଷ ଓ ଦେବଦଳନ ରଥର ଓଝା ସେବକମାନେ ଦୁଇଟି ଲେଖାଏ ଚକ ପାଇଁ ଆବଶ୍ୟକ ପଦାରୀ ପୋଡ଼ିବା ସହ କଳଙ୍କି ଛଡ଼ାଇ ମଠା କାର୍ଯ୍ୟ ଶେଷ କରିଛନ୍ତି। ତାଳଧ୍ୱଜ ରଥର ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ୮ଟି ପଦାରୀ ପୋଡ଼ା କାର୍ଯ୍ୟ ସାରିଛନ୍ତି। ନବମ ଦିନରେ ରଥ ନିର୍ମାଣ କାର୍ଯ୍ୟରେ ୬୭ ମହାରଣା, ୪୫ ଭୋଇ ସେବକ, ୪ କରତି ସେବକ, ଜଣେ ତୁମ୍ବ ବିନ୍ଧ କାରିଗର, ୨ ମହାରଣା, ୧୨ ଓଝା ବା କମାର ସେବକ ଏବଂ ଜଣେ ରଥ ଖଳା ସହାୟକଙ୍କୁ ମିଶାଇ ମୋଟ ୧୩୨ ଜଣ କାରିଗର ଏବଂ ସେବକ ରଥ ନିୟୋଜିତ ଥିଲେ ।

# ୧୪୪ ବର୍ଷ ପରେ ଶ୍ରୀବିଗ୍ରହଙ୍କୁ ଆଣିଥିଲେ ଆଦିଶଙ୍କରାଚାର୍ଯ୍ୟ

### ଶ୍ରୀବିଗ୍ରହଙ୍କ ପୁନଃ ପ୍ରତିଷ୍ଠା ନୁହେଁ ପୁନଃ ଆଗମନ

ପୁରୀ ଅଫିସ, ୧୨।୫:

ଶ୍ରୀମନ୍ଦିର ଉପରେ ରକ୍ତବାହୁର ଆକ୍ରମଣ କାଳରେ ଦୀର୍ଘ ୧୪୪ ବର୍ଷ ଧରି ଶ୍ରୀବିଗ୍ରହମାନେ ସୋନପୁରର ଗୋପାଳି ନିକଟ ବାଘାପାଲି ଓ ଛଳିଆ ପାହାଡ଼ ଗୁମ୍ଫାରେ ରହିଯାଇଥିଲେ। ଗୋବିନ୍ଦ ଦ୍ୱାଦଶୀ ବୁଡ଼ ଅବକାଶରେ ଆଦିଶଙ୍କରାଚାର୍ଯ୍ୟ ଓ ଯଯାତିକେଶରୀ ଶ୍ରୀକ୍ଷେତ୍ର ଆସି ମହୋଦଧିରେ ବୁଡ଼ ପକାଇବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇ ନ ଥିଲେ। ବୁଝାବୁଝି ପରେ ସୋନପୁରର ଗୋପାଳିଠାରେ ମହାପ୍ରଭୁ ଅଛନ୍ତି ବୋଲି ଜାଣି ସେଠାକୁ ଯାତ୍ରା କରିଥିଲେ। ସେଠାରୁ ଶ୍ରୀବିଗ୍ରହମାନଙ୍କୁ ଆଣି ନବକଳେବର କରିଥିଲେ। ମାତ୍ର ପୁରୁଣା ମନ୍ଦିର ଭାଙ୍ଗିଯାଇଥିବାରୁ ଆଦିଶଙ୍କରାଚାର୍ଯ୍ୟଙ୍କ ପରାମର୍ଶରେ ଯଯାତିକେଶରୀ ୩୬ ହାତର ପୋଟଳ ଆକାର ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ମତ ଦେଇଛନ୍ତି। ୮୧୮ ମସିହାରେ ଶ୍ରୀବିଗ୍ରହମାନଙ୍କ ପୁରୀ ଆଗମନ ସ୍ମୃତିକୁ ନେଇ ସ୍ଥାନୀୟ ତ୍ରିଦେବ ଭିଲ୍ଲାରେ ଗୁରୁବାର ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ‘ଶ୍ରୀବିଗ୍ରହ ପୁନଃପ୍ରତିଷ୍ଠା ଦିବସ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖା ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡ. ମିଶ୍ର କହିଛନ୍ତି, ଏଭଳି ଶୀର୍ଷକ ସମାଜକୁ ଭୁଲ ବାର୍ତ୍ତା ଦେବ। ମନ୍ଦିର ପ୍ରତିଷ୍ଠା ପରେ ମହାପ୍ରଭୁ ରତ୍ନସିଂହାସନରେ ବିଜେ କରିବାର ପରମ୍ପରା ଅଛି। ଶ୍ରୀବିଗ୍ରହମାନଙ୍କର ପ୍ରତିଷ୍ଠା ହୁଏ ନାହିଁ। ସେ ସ୍ୱୟମ୍ଭୁ, ଆବିର୍ଭୂତ ହୋଇଛନ୍ତି। ସେଥିପାଇଁ ବ୍ରହ୍ମା ମଧ ପ୍ରଥମେ ପ୍ରତିଷ୍ଠା ନ କରି ସ୍ୱସ୍ତ୍ୟୟନ ପାଠ କରିଥିଲେ। ତେଣୁ ପ୍ରତିଷ୍ଠା ଦିବସ ନ ହୋଇ ଆଗମନ ଦିବସ ଯଥାର୍ଥ ହେବ। ଏଥିରେ ପରିଷଦର କର୍ମକର୍ତ୍ତାମାନେ ସହମତ ହୋଇ ଆଗକୁ ସଂଶୋଧନ କରାଯିବ ବୋଲି କହିଥିଲେ। ଏଥିସହ ଶ୍ରୀମନ୍ଦିର ଉପରେ ୧୮ ଥର ଆକ୍ରମଣର ଘଟଣାକ୍ରମ, ଶ୍ରୀବିଗ୍ରହମାନଙ୍କ ପୁରୀରୁ ସ୍ଥାନାନ୍ତର, ୧୪୪ବର୍ଷ ଧରି ପାତାଳି ହେବା, ସୋନପୁର ଅଞ୍ଚଳରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଠାବ କରି ଶ୍ରୀମନ୍ଦିରକୁ ଆଣି ସ୍ଥାପନା, ଦର୍ଶନ କରିବାର ପଦ୍ଧତି ତଥା ଶ୍ରୀମନ୍ଦିର ଏବଂ ଶ୍ରୀବିଗ୍ରହଙ୍କ ସମ୍ପର୍କରେ ବହୁ ଐତିହାସିକ ତଥ୍ୟ, ଧାର୍ମିକ ମତବାଦ ତଥା ପ୍ରାମାଣିକ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ପରିଷଦର ରାଷ୍ଟ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କ୍ଷେତ୍ରୀୟ ସଚିବ ଶୁଭାଶିଷ କର, ଆବାହକ ଶରତ ଜୟସିଂହ ଏବଂ ସମ୍ପାଦକ ସୌମେନ୍ଦ୍ର ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ସୁରେନ୍ଦ୍ର ମିଶ୍ରଙ୍କ ସମେତ ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ବୁଦ୍ଧଦେବ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବାଲ୍ ବିକାଶ ସଚିବ ସୁପ୍ରୀତି ରଥ, ପ୍ରାନ୍ତୀୟ ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଏବଂ ଅନ୍ୟ ଅତିଥିମାନେ ।

# ମସ୍ତ୍ୟଜୀବୀଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କୋଣାର୍କ,୧୨।୫(ଡି.ଏନ୍.ଏ.):

ମସ୍ତ୍ୟଜୀବୀଙ୍କ ସମସ୍ୟା ସମାଧାନ ନିମନ୍ତେ ଗୁରୁବାର ଓଡ଼ିଶା ପାରମ୍ପରିକ ମସ୍ତ୍ୟଜୀବୀ ୟୁନିୟନ ପକ୍ଷରୁ କୋଣାର୍କରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ୧୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ଉପକୂଳରେ ଅବସ୍ଥିତ ୬ଟି ଜିଲାର ସାମୁଦ୍ରିକ ଅଞ୍ଚଳରେ ବାସ କରୁଥିବା ମସ୍ତ୍ୟଜୀବୀମାନେ ମାଛ ଧରି ନିଜ ପରିବାର ଚଳାଉଛନ୍ତି। ମାତ୍ର ଏହି ମସ୍ତ୍ୟଜୀବୀମାନେ ଜୀବନ ଜୀବିକା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ସମ୍ମିଳନୀରେ ପ୍ରକାଶ କରିଥିଲେ। ସମ୍ମିଳନୀରେ ଜାତୀୟ ମସ୍ତ୍ୟକର୍ମୀ ମଞ୍ଚ ଅଧ୍ୟକ୍ଷ ଲିଓକୋଲାସା, ସାଧାରଣ ସମ୍ପାଦକ ଓଲେନେ ସିଓ ସିମନ୍ସ, ପୂର୍ଣ୍ଣିମା ମେହେର, ଉଜଳା ପାଟିଲଙ୍କ ସମେତ ଓଡ଼ିଶା ପାରମ୍ପରିକ ମସ୍ତ୍ୟକର୍ମୀ ୟୁନିୟନର ରାଜ୍ୟ ସଭାପତି ପ୍ରସନ୍ନ କୁମାର ବେହେରା, ସାଧାରଣ ସମ୍ପାଦକ କଣ୍ଡାଆଲେୟା ପ୍ରମୁଖ ଉପସ୍ଥିତ ରହି ନିଜ ମତବ୍ୟକ୍ତ କରିଛନ୍ତି। ସେମାନଙ୍କ ଦାବି ମୁତାବକ, ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସମୟରେ ମାଛ ଧରିବାକୁ ବାରଣ କରାଯାଇ ମସ୍ତ୍ୟଜୀବୀ ପରିବାରକୁ ୭୫୦୦ କ୍ଷତିପୂରଣକୁ ବଢାଇ ୧୦ ହଜାର ଟଙ୍କା କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ସମବାୟ ସମିତିକୁ ଯୋଗାଇ ଦେଉଥିବା ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇ ୧୦ ଲକ୍ଷ ଟଙ୍କା କରିବାକୁ ଦାବି କରିଛନ୍ତି। ଓଡ଼ିଶା ଉପକୂଳରେ ଥିବା ୭୫ଟି ମସ୍ତ୍ୟ ଅବତରଣ କେନ୍ଦ୍ରରେ ପୋତାଶ୍ରୟ ନିର୍ମାଣ କରି ସେଠାରେ ବିଶ୍ରାମ ଗୃହ, ବରଫ କଳ, ଶୀତଳଭଣ୍ଡାର ଏବଂ ମାଛ ନିଲାମ କେନ୍ଦ୍ର ନିର୍ମାଣ ପାଇଁ ଦାବି ହୋଇଛି। ଏଥିସହ ମସ୍ତ୍ୟଜୀବୀଙ୍କୁ ବିଜୁ ପକ୍କା ଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ସ୍ୱାସ୍ଥ୍ୟ ଓ ଶିକ୍ଷାର ବ୍ୟବସ୍ଥା ଭଳି ୧୬ଟି ଦାବି ସମ୍ମିଳନୀରେ ଉପସ୍ଥାପନ କରାଯାଇଛି।

# ଚନ୍ଦନ ଚକଡ଼ାରେ ଭକ୍ତି ସଙ୍ଗୀତ ପରିବେଷଣ




ପୁରୀ ଅଫିସ,୧୨।୫

ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି ଅବସରରେ ଗୁରୁବାର ଓଡିଶୀ ମ୍ୟୁଜିକ୍ ଏକାଡେମୀ ତରଫରୁ ଚନ୍ଦନ ଚକଡାରେ ପାରମ୍ପାରିକ ସଙ୍ଗୀତ, ଓଡ଼ିଶୀ, ଛାନ୍ଦ, ଚମ୍ପୁ, ଗୀତ ଗୋବିନ୍ଦ, ଜଣାଣ ଓ ଭଜନ ପରିବେଷଣ କରାଯାଇଛି। ଅନୁଷ୍ଠାନର କଣ୍ଠଶିଳ୍ପୀ ଅଶୋକ କୁମାର ମହାନ୍ତି, ଗୋରାଙ୍ଗ ଚରଣ ଖୁଣ୍ଟିଆ, ସଂଘମିତ୍ରା ସିଂହାରୀ, ଅଶୋକ କୁମାର ଦାସ, ଦିବ୍ୟରଞ୍ଜନ ପଟ୍ଟନାୟକ, ଦୀପକ ମହାନ୍ତି, ସିପ୍ରା ମହାନ୍ତି, ଦେବସ୍ମିତା ମହାନ୍ତି, ସଙ୍ଗୀତା ନାୟକ, ରୋଜାଲିନ୍ ସାମନ୍ତରା ପ୍ରମୁଖ କଣ୍ଠଦାନ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ଭାଗୀରଥି ପ୍ରତିହାରୀ, ଗୁରୁ ସତ୍ୟ ନାରାୟଣ ଗୁରୁ, ରବିନାରାୟଣ ଦାଶ, ଆଲୋକ ପରିଡା, ସମୀର ରଞ୍ଜନ ପାଲ, ଲକ୍ଷ୍ମୀ ପ୍ରସାଦ, କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

ବୋଲଗଡ଼,୧୨।୫(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ନିକଟରେ ଗୁରୁବାର ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ଧକ୍କା ହେବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଫାଣ୍ଡି ଅଧୀନ ବେଣାଗାଡ଼ିଆ ଗ୍ରାମର ଅନିଲ କୁମାର ମାଝୀ (୨୦)। ସେ ବାଙ୍କୋଇ କେପିଏଏନ୍ ଡିଗ୍ରୀ କଲେଜର ଛାତ୍ର। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନିଲ କଲେଜରୁ ସ୍କୁଟିରେ ଘରକୁ ଫେରୁଥିବା ବେଳେ ସାମ୍ନାପଟୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ଅନିଲ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଙ୍କୋଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସରକାରୀ ଜାଗାରେ ଥିବା ଦୋକାନ ଭାଙ୍ଗିବାକୁ ନୋଟିସ

କଣାସ,୧୨।୫(ସ୍ୱ.ପ୍ର.):

କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥାନାନ୍ତରକୁ ନେଇ ପଞ୍ଚାୟତ ସମିତି ବୈଠକରେ ବହୁ ବାଦବିବାଦ ପରେ ପଞ୍ଚାୟତ ସମିତି ନିକଟରେ ଥିବା ସରକାରୀ ଜାଗା ଉପରେ ହୋଇଥିବା ଦୋକାନ ଗୃହ ସବୁ ଉଚ୍ଛେଦ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ସହନା ଗ୍ରାମଠାରୁ ବ୍ଲକ କଲୋନୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଜାଗାକୁ ମାପଚୁପ କରିବା ପରେ ବେଆଇନ ଭାବେ କରିଥିବା ଘର ଓ ଦୋକାନକୁ ୭ଦିନ ମଧ୍ୟରେ ଉଠାଇନେବାକୁ ତହସିଲଦାର ଜବରଦଖଲକାରୀମାନଙ୍କୁ ନୋଟିସ ଦେଇଛନ୍ତି। ଅନେକ ଦୋକାନୀ ଦୀର୍ଘଦିନ ହେଲା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବାରୁ ସେମାନେ କେଉଁଠିକୁ ଯିବେ ଏବଂ କିପରି ପରିବାର ପ୍ରତିପୋଷଣ କରିବେ ସେନେଇ ଚିନ୍ତାରେ ଅଛନ୍ତି। ଉଚ୍ଛେଦ କରିବା ପୂର୍ବରୁ ଦୋକାନୀମାନଙ୍କୁ ଅନ୍ୟତ୍ର ଥଇଥାନ କରିବା ପାଇଁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଜୀବନ ବଞ୍ଚାଇବାରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗୋପ,୧୨।୫(ଡି.ଏନ୍.ଏ.)

ଡାକ୍ତରମାନେ ରୋଗୀମାନଙ୍କୁ ଔଷଧ ଲେଖି ଦେବା ପରେ ତାଙ୍କର କର୍ତ୍ତବ୍ୟ ଶେଷ କରିଥାନ୍ତି। କିନ୍ତୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ନର୍ସମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ରହିବା ପର୍ଯ୍ୟନ୍ତ ନର୍ସମାନେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥାନ୍ତି। ତେଣୁ ଜୀବନ ବଞ୍ଚାଇବା କ୍ଷେତ୍ରରେ ନର୍ସମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଗୁରୁବାର ଗୋପ ମୁକ୍ତି ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନର୍ସ ଦିବସ ପାଳନ ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଶୋକ କୁମାର ନନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷା ବନରଞ୍ଜନ ପଟ୍ଟନାୟକ, ରୀତା ମିଶ୍ରଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅତିଥିମାନେ ଯୋଗଦେଇ ସ୍ୱାସ୍ଥ୍ୟ ସେବା ସହିତ ବିଶ୍ୱ ନର୍ସ ଦିବସ ଉପରେ ଆଲୋକପାତ କରିଥିଲେ। ପରେ ମୁକ୍ତି ଅନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀମାନେ ରୋଗୀମାନଙ୍କୁ କିପରି ଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇବେ ସେଥିଲାଗି ଶପଥ ଗ୍ରହଣ କରିଥିଲେ। ଶେଷରେ ମୁକ୍ତି ଅନୁଷ୍ଠାନ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିକାଶ ସଂସ୍ଥାର ସଦସ୍ୟ ଗଣେଶ ଚନ୍ଦ୍ର ଦାଶଙ୍କ ସହିତ ନର୍ସ ଛାତ୍ରୀମାନେ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ କାର୍ଯ୍ୟ ହେଉ

### ପରିକ୍ରମା ପ୍ରକଳ୍ପ ନେଇ ମତ ବଦଳାଇବା ଖବର ସତ୍ୟ ନୁହେଁ: ଜୟନ୍ତ

ପୁରୀ ଅଫିସ,୧୨।୫:

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ତେଜିବାରେ ଲାଗିଛି। ଗୋଟିଏ ପଟେ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପରିକ୍ରମା ପ୍ରକଳ୍ପର ବେଆଇନ ଖନନ ଓ ନିର୍ମାଣ କାର୍ଯ୍ୟକୁ ବିରୋଧ କରୁଥିବାବେଳେ ଅନ୍ୟପକ୍ଷେ ଭାଜପା ନେତା ତଥା ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସାରିବାକୁ ମତ ଦେଉଛନ୍ତି। ପ୍ରଥମେ ପ୍ରକଳ୍ପ କାର୍ଯ୍ୟ ନେଇ ଜୟନ୍ତ ପ୍ରଶ୍ନ ଉଠାଇଥିବାବେଳେ ଏବେ ସମର୍ଥନ କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏ ନେଇ ସାଧାରଣରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ଗୁରୁବାର ଜୟନ୍ତ ଏକ ଖବରଦାତା ସମ୍ମିଳନୀ ଡାକି ସ୍ପଷ୍ଟୀକରଣ ରଖିଛନ୍ତି। ଜୟନ୍ତ କହିଛନ୍ତି, ଗଣମାଧ୍ୟମରେ ମୋ’ ପ୍ରତିକ୍ରିୟାକୁ ବିଭିନ୍ନ ପ୍ରକାରରେ ପ୍ରକାଶ କରାଯାଉଛି। ମୁଁ ବାରମ୍ବାର ମତ ବଦଳାଉଥିବା କୁହାଯାଉଛି, ଯାହା ଆଦୌ ସତ୍ୟ ନୁହେଁ। ବିକାଶକୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆଇନର ସୀମା ମଧ୍ୟରେ କରାଯିବା ଉଚିତ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ନିର୍ମାଣ କାର୍ଯ୍ୟ ହେବା ଦରକାର। ପରିକ୍ରମା ପ୍ରକଳ୍ପକୁ ନେଇ ପୁରୀ ସହରବାସୀଙ୍କ ମନରେ ପ୍ରଶ୍ନ ଉଠିବା କ୍ଷଣି ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲି। ଘଟଣା ଅନୁଧ୍ୟାନ ଲାଗି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହେଲା। ଏହାପରେ ମାମଲା କୋର୍ଟରେ ପହଞ୍ଚିଲା। କିଛିଦିନ ତଳେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଏହି ନିର୍ମାଣ କାର୍ଯ୍ୟକୁ ଅନୁମତି ଦେଇ ନ ଥିବା କହିଛି। ପ୍ରକଳ୍ପ ପାଇଁ ଐତିହ୍ୟସମ୍ପନ୍ନ ମଠମାନ ଭଙ୍ଗାଯାଇଛି। ଲୋକେ ଭିଟାମାଟି ଛାଡ଼ିଛନ୍ତି। ଲୋକେ ରୋଜଗାର ହରାଇଛନ୍ତି। ଏଣୁ ସରକାର ଏବେ ଆଗକୁ ଭାବିବା ଦରକାର। ଯାହା ଭାଙ୍ଗିସାରିଛି ତାହାକୁ ଧରିବସିଲେ ପୁରୀବାସୀ ଆହୁରି ସମସ୍ୟାର ସମ୍ମୁଖୀନ ହେବେ। ଶ୍ରୀମନ୍ଦିର ପ୍ରତି ଥିବା ବିପଦକୁ ଆକଳନ କରିବା ପାଇଁ ଏଏସ୍‌ଆଇ ଯୋଗ୍ୟ ସଂସ୍ଥା। କିଭଳି ଭାବେ ଆଇନତଃ କାର୍ଯ୍ୟ କରାଯାଇପାରିବ ସେନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ପ୍ରୟାସ କରିବା ଦରକାର। ପୁରୀର ବିଧାୟକ ଭାବେ ପ୍ରକଳ୍ପ କାର୍ଯ୍ୟ କିଭଳି ଭାବେ ଶେଷ ହେବ ତାହା ମୋର ପ୍ରାଥମିକତା ରହିବ। ଏହାର ଅର୍ଥ ନୁହେଁ, ମୁଁ ବେଆଇନ ନିର୍ମାଣ ସପକ୍ଷରେ ଯୁକ୍ତି ବାଢୁଛି, ବରଂ କିଭଳି ସମସ୍ୟାର ସମାଧାନ ହୋଇ କାର୍ଯ୍ୟ ଆଗେଇବ ସେନେଇ ଆଶାବାଦୀ ରହିଛି। ଆଗକୁ ବର୍ଷା ଦିନ ଆସୁଛି। ଖନନ ଓ ନିର୍ମାଣ କାର୍ଯ୍ୟ ସ୍ଥାନରେ ବର୍ଷାପାଣି ଜମିବ। ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ଓ ଶ୍ରୀମନ୍ଦିର ଭିତ୍ତିଭୂମି ମଧ ପ୍ରଭାବିତ ହେବାର ଆଶଙ୍କା ବଢ଼ିବ। ଜନସାଧାରଣଙ୍କ ମନରେ ଏବେ ବି ପ୍ରଶ୍ନ ରହିଛି, ପରିକ୍ରମା ପ୍ରକଳ୍ପ ଅଧୀନରେ କେଉଁ କେଉଁ ବିକାଶ କାର୍ଯ୍ୟ ହେଉଛି, ସେନେଇ ରାଜ୍ୟ ସରକାର ଅବଗତ କରାନ୍ତୁ ବୋଲି ଜୟନ୍ତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରକଳ୍ପର ନ୍ୟାୟିକ ଦିଗ ସମ୍ପର୍କରେ ପ୍ରଶ୍ନ ପଚାରିବାରେ ସେ କହିଛନ୍ତି, ସରକାର ଆଇନ କରନ୍ତି। ସେହି ସରକାରୀ ସଂସ୍ଥା ହିଁ ନିର୍ମାଣ କାର୍ଯ୍ୟ କରୁଛନ୍ତି। ପରିଚାଳନା କମିଟିରେ ଏଏସ୍‌ଆଇର ସଦସ୍ୟ ରହନ୍ତି। ଏଏସ୍‌ଆଇ ଜାଣତରେ କାର୍ଯ୍ୟ ହେଉଛି। ବିଧାନସଭାରେ ସମସ୍ତ ୧୪୭ ବିଧାୟକ ଏକ ସ୍ୱରରେ ପ୍ରକଳ୍ପ କାର୍ଯ୍ୟକୁ ଅନୁମୋଦନ କଲେ। କେହି ଯଦି ବିରୋଧ କଲେନି, ମୁଁ ଏକା କାହିଁକି କରିବି। କାହିଁକି ଭଙ୍ଗାଗଲା ଓ ଖନନ ହେଲା ସେସବୁ ପ୍ରଶ୍ନ ଏବେ ବିଚାରାଧୀନ। ମାତ୍ର ଯାହା ହୋଇଛି ତାହା ହିଁ ବାସ୍ତବତା। ତେଣୁ ବାସ୍ତବତାକୁ ଗ୍ରହଣ କରି ସମସ୍ୟାର ସମାଧାନ କରାଯିବା ଦରକାର ବୋଲି ଜୟନ୍ତ ଯୁକ୍ତି ବାଢ଼ିଛନ୍ତି।


ବିଧାୟକ ଜୟନ୍ତ ଷଡ଼ଙ୍ଗୀ

## ସଂକ୍ଷେପରେ

### ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା, ଛାତ୍ର ମୃତ

ବୋଲଗଡ଼,୧୨।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ନିକଟରେ ଗୁରୁବାର ଏକ ବାଇକ୍ ଓ ସ୍କୁଟି ମଧରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଫାଣ୍ଡି ଅନ୍ତର୍ଗତ ବେଣାଗାଡ଼ିଆ ଗ୍ରାମର ଅନିଲ କୁମାର ମାର୍ଥା (୨୦)। ସେ ବାଙ୍କୋଇ କେପିଏଏନ୍ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅନିଲ କଲେଜରୁ ସ୍କୁଟିରେ ଘରକୁ ଫେରୁଥିବା ବେଳେ ସାମ୍ନାପଟୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଅନିଲ ତଳେ ପଡିଯିବା ସହ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କାନନବାଳା ପଟ୍ଟନାୟକଙ୍କ ୪ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୨।୫(ବ୍ୟୁରୋ) : ମହିଳା ଦକ୍ଷତା ସମିତି ଆନୁକୂଲ୍ୟରେ ଗୁରୁବାର କବି, ଅନୁବାଦିକା ତଥା କଥାକାର କାନନବାଳା ପଟ୍ଟନାୟକଙ୍କ ଚାରୋଟି ପୁସ୍ତକ ବୁଦ୍ଧମନ୍ଦିରରେ ଲୋକାର୍ପିତ ହୋଇଯାଇଛି। ଉକ୍ତ ପୁସ୍ତକଗୁଡ଼ିକ ହେଲା 'କସ୍ତୁରୀ ଓ ଅନ୍ୟାନ୍ୟ ଗଳ୍ପ', 'ମାଟି ମହକ', 'ଭକ୍ତି ନିବେଦନ' ଏବଂ ' ଭାବ ବନ୍ଧନ'। ସମିତି ସଭାପତି ଡ. ସୁଚେତା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତା ଭାବରେ ଲେଖିକା ଶକୁନ୍ତଳା ବଳିୟାରସିଂହ ଓ ଶିଶୁ ସାହିତ୍ୟିକ ଡ. କୁଳମଣି ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁସ୍ତକ ଉନ୍ମୋଚନ ସହ ସାତଜଣ ସାହିତ୍ୟିକ ଦେବାଶିଷ ମହାପାତ୍ର, ଚମକଚାନ୍ଦିନୀ ଦାଶ, ମାତୃଦତ୍ତ ମହାନ୍ତି, ବିଜୟ କୁମାର ମହାନ୍ତି, ସ୍ମୃତି ପଟ୍ଟନାୟକ, ଅମରେଶ ବିଶ୍ୱାଳ ଓ କସ୍ତୁରୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମିନତୀ ବେହେରା ମଞ୍ଚ ପରିଚାଳନା ଓ ଡ. ଅଞ୍ଜଳି ତ୍ରିପାଠୀ ଶେଷରେ ଧନ୍ୟବାଦ ଦେଇଥିଲେ।

### ୧୫ରେ 'ଉତ୍କଳ ଟାଇକୁନସ୍ ଆୱାର୍ଡସ୍'

ଭୁବନେଶ୍ୱର,୧୨।୫(ବ୍ୟୁରୋ): ଆସନ୍ତା ୧୫ ତାରିଖରେ 'ଉତ୍କଳ ଟାଇକୁନସ୍ ଆୱାର୍ଡସ୍ ଓ ଭୁବନେଶ୍ୱର ରନ୍‌ୱେ ୱିକ୍ ସିଜନ-୬' ଭୁବନେଶ୍ୱରସ୍ଥିତ ୱେଲ୍‌କମ୍ ହୋଟେଲ୍‌ରେ ଅପରାହ୍ନ ୫ଟା ୩୦ରେ ଅନୁଷ୍ଠିତ ହେବ। ଗୁରୁବାର ଉତ୍କଳ ଅପଡେଟ୍‌ସ ଆଣ୍ଡ୍ ଆଡିକ୍ସନ ଫ୍ୟାଶନ ମ୍ୟାନେଜମେଣ୍ଟ ଆଣ୍ଡ୍ କନସଲଟାନ୍ସି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ବ୍ୟବସାୟ ଜଗତର ଅନେକ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ଭୁବନେଶ୍ୱର ରନ୍‌ୱେର ନିର୍ଦ୍ଦେଶକ ଜନ୍ ଅଜୟ କହିଛନ୍ତି, ଏହି ପୁରସ୍କାର ଜରିଆରେ ଆମେ ବ୍ୟବସାୟ ଜଗତର ଟାଇକୁନ୍‌ମାନଙ୍କୁ ମାନ୍ୟତା ପ୍ରଦାନ କରିବୁ। ଭୁବନେଶ୍ୱର ୱିକ୍ ସିଜନ୍ ୬ରେ ଡିଜାଇନରମାନେ ସେମାନଙ୍କ ଡିଜାଇନ୍‌କୁ ପ୍ରଦର୍ଶନ କରିବେ। ଏଥିରେ ପାଖାପାଖି ୩୦ ମଡେଲ୍ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି।

# ତିଆରି ଚାଲିଛି ପହଣ୍ଡି, ଅଣସର ଗାମୁଛା

ଖୋର୍ଦ୍ଧା ଅଫିସ,୧୨।୫:

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଲାଗି ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ଶ୍ରୀନଅର ସମ୍ମୁଖ ଅସ୍ଥାୟୀ ରଥଖଳାରେ ତିନି ରଥ ନିର୍ମାଣରେ ଲାଗିଛନ୍ତି ରଥ ମହାରଣା। ରଥଯାତ୍ରାରେ ମହାପ୍ରଭୁଙ୍କ ଲାଗି ପାଟବସ୍ତ୍ର ଏବଂ ସୂତାଲୁଗା ପ୍ରସ୍ତୁତିରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ା ଗୋପୀନାଥ ଦାସଙ୍କ ବୁଣାକାର ପରିବାର ବ୍ୟସ୍ତ ଥିବା ବେଳେ ଅନ୍ୟପଟେ ମହାପ୍ରଭୁଙ୍କ ଅଣସର ଏବଂ ପହଣ୍ଡି ଗାମୁଛା ପ୍ରସ୍ତୁତିରେ ଲାଗି ପଡିଛନ୍ତି ବୋଲଗଡ଼ ବ୍ଲକ ସାନପଦର ଗ୍ରାମର ବୁଣାକାର।



ମହାପ୍ରଭୁଙ୍କ ଲାଗି ପ୍ରସ୍ତୁତ ଗାମୁଛାକୁ ବୁଣାକାର ପ୍ରଭାସ ଦେଖାଉଛନ୍ତି।



ଜଣେ ବୁଣାକାର ଲୁଗା ବୁଣୁଛନ୍ତି।

## ସେବାରେ ୪ବର୍ଷ

ମହାପ୍ରଭୁଙ୍କ ଅଣସର ଏବଂ ପହଣ୍ଡି ଲାଗି ଗାମୁଛା ବୟାନିକା ଯୋଗାଇଥାଏ। ୨୦୧୮ ମସିହାରୁ ଏହି ଗ୍ରାମର ପ୍ରଭାସ ନାୟକ ବୟାନିକାଠାରୁ ଅର୍ଡର ପାଇ ମହାପ୍ରଭୁଙ୍କ ଲାଗି ହାତ ତିଆରି ଗାମୁଛା ପ୍ରସ୍ତୁତ କରୁଛନ୍ତି। ସ୍ନାନଯାତ୍ରା ପୂର୍ବରୁ ବୟାନିକାକୁ ଏହା ହସ୍ତାନ୍ତର ହୋଇଥାଏ। ବର୍ତ୍ତମାନ ସୁଦ୍ଧା ୭୦% କାର୍ଯ୍ୟ ସରିଥିବା ସେ ପ୍ରକାଶ କରିଛନ୍ତି। ଅକ୍ଷୟତୃତୀୟାରୁ

**ମହାପ୍ରଭୁଙ୍କ ସେବାରେ ସାନପଦର ବୁଣାକାର**

କାମ ଆରମ୍ଭ ହୋଇଥାଏ। ଚଳିତ ବର୍ଷ ମହାପ୍ରଭୁଙ୍କ ଅଣସର ଲାଗି ୧୯୧ଟି ୬ହାତି ଲମ୍ବର ଗାମୁଛା ଏବଂ ପହଣ୍ଡି ଲାଗି ୧୯୧ଟି ୫ହାତି ଗାମୁଛା ବୁଣା ଚାଲିଛି। ଏହି ଗାମୁଛାକୁ ଆକର୍ଷଣୀୟ କରିବା ଲାଗି ଅଣସର ଗାମୁଛା ଧଳାରଙ୍ଗର ହୋଇଥିବା ବେଳେ ଧଡିରେ କୁମ୍ଭପକା(ଡିଜାଇନ) ଥାଇ ହଳଦିଆ ରଙ୍ଗ ଏବଂ ପହଣ୍ଡି ଗାମୁଛା କୃଷ୍ଣ ରଙ୍ଗରେ କୁମ୍ଭପକା(ଡିଜାଇନ) ଥାଇ ହଳଦିଆ ରଖାଯାଇଥାଏ ବୋଲି ପ୍ରଭାସ କହିଛନ୍ତି।

## ଲାଗିଛନ୍ତି ୨୫ ବୁଣାକାର

ପ୍ରଭାସଙ୍କ ତତ୍ତ୍ୱାବଧାନରେ ୨୫ ଜଣ ବୁଣାକାର ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରଭାସଙ୍କ ସହିତ ଗଙ୍ଗାଧର ପରମାଣିକ, ସନ୍ତୋଷ ନାୟକ, ରଶ୍ମିତା ନାୟକ, ବିଦ୍ୟାଧର ନାୟକ, ରବୀନ୍ଦ୍ର ପରମାଣିକ, ରମେଶ ଦେବତା, ହାତୀ ପରମାଣିକ, ବାସନ୍ତି ନାୟକ, ଉଦୟନାଥ ନାୟକ, ଉଦୟନାଥ ଦାସ, ସନ୍ତୋଷ ଦାସ, ସୋନାଲି ପରମାଣିକ ପ୍ରମୁଖ ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରଭାସ ଏବଂ ଅନ୍ୟମାନେ କୁହନ୍ତି, ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଛୁ। ଦୂରରେ ଥାଇ ମଧ ମହାପ୍ରଭୁଙ୍କ ଏହି ସେବା କରିବାର ସୁଯୋଗ ମିଳୁଥିବାରୁ ଆତ୍ମତୃପ୍ତି ମିଳିଥାଏ।

## ଗାଁର ନାଁ ସାନପଦର

ଗ୍ରାମର ଅଧିକାଂଶ ପରିବାର ବୁଣାକାର। ୩୦ବର୍ଷ ତଳେ ପ୍ରଭାସଙ୍କ ବାପା ଲକ୍ଷ୍ମୀଧର କେତେଜଣ ବୁଣାକାରଙ୍କୁ ନେଇ ଏକ ହସ୍ତତନ୍ତ ବୟନ ଶିଳ୍ପ ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରଭାସ ମା' ଦୁର୍ଗା ଟେକ୍ସଟାଇଲ୍ ଆଣ୍ଡ ଡାଇଙ୍ଗ ୱାର୍କସ୍ ବୁଣାକାର ସଂସ୍ଥା ଗଠନ କରିଥିଲେ। ଏହି ସଂସ୍ଥା ଅଧୀନରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବୁଣାକାର କାମ କରୁଛନ୍ତି।

# ପୋଲିସ କବ୍‌ଜାରେ ମୋବାଇଲ୍ ଲୁଟେରା

**୨୦ ମୋବାଇଲ୍ ଫୋନ୍ ଜବତ**

ଭୁବନେଶ୍ୱର,୧୨।୫(ବ୍ୟୁରୋ)

କଟକ ସହରର ବିଭିନ୍ନ ସ୍ଥାନରୁ ମୋବାଇଲ ଫୋନ୍ ଲୁଟ୍ ଓ ଚୋରି କରିଥିବା ଜଣେ ଅଭିଯୁକ୍ତଙ୍କୁ ଲାଲବାଗ ଥାନା ପୋଲିସ ଗିରଫ କରିଛି। ସେ ହେଲେ ସତୀଚୌରା ଅଞ୍ଚଳର ଇମାମପଡା ବସ୍ତିରେ ରହୁଥିବା ସାଇଲୋ ଗୋବିନ୍ଦପୁରର ସରୋଜ ବେହେରା। ତାଙ୍କଠାରୁ ବିଭିନ୍ନ ବ୍ରାଣ୍ଡର ୨୦ ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୧୦୮/୨୨) ରୁଜୁ କରି ଅଭିଯୁକ୍ତ ସରୋଜଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, କଟକର ବିଭିନ୍ନ ଥାନାରେ ମୋବାଇଲ ଚୋରି ଓ ଲୁଟ୍ ଅଭିଯୋଗ ବଢ଼ି ଚାଲିଥିବାରୁ ଏହାକୁ ନେଇ ପୋଲିସର ଚିନ୍ତା ବଢ଼ିଛି। ଏଥିରେ ସମ୍ପୃକ୍ତ ରହିଥିବା ଗ୍ୟାଙ୍ଗକୁ ଧରିବାକୁ କଡ଼ା ନଜର ରଖାଯାଇଥିଲା। ବୁଧବାର ଲାଲବାଗ ଥାନା ଅନ୍ତର୍ଗତ ଶେଖ ବଜାର ଅଞ୍ଚଳର ମାନସ ପ୍ରଧାନ ୱାର୍ଡ ନଂ.୧ରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଫୋନ୍‌ରେ କଥା ହୋଇ ଯାଉଥିବାବେଳେ ଅଭିଯୁକ୍ତ ସରୋଜ ତାଙ୍କଠାରୁ ମୋବାଇଲ ଫୋନ ଛଡାଇ ନେଇ ପଳାଇଥିଲେ। ଅଭିଯୋଗ ପରେ ପୋଲିସ ସରୋଜଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି।

# ପଞ୍ଚଭୂତରେ ଲୀନ ହେଲେ ଯବାନ ଜୟପ୍ରକାଶ



ଶହୀଦ ଯବାନ ଜୟପ୍ରକାଶ ମହାପାତ୍ରଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।



ବିଏସ୍‌ଏଫ ପକ୍ଷରୁ ପରିବାର ବର୍ଗଙ୍କୁ ଜାତୀୟ ପତାକା ଦିଆଯାଉଛି।

ନିରାକାରପୁର,୧୨।୫ (ଡି.ଏନ୍.ଏ.)

**ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ**

ପଞ୍ଚଭୂତରେ ଲୀନ ହେଲେ ଯବାନ ଜୟ ପ୍ରକାଶ ମହାପାତ୍ର ଓରଫ କାଳିଆ। ଗୁରୁବାର ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଅରାଅଞ୍ଚଳ ଗ୍ରାମ ଶ୍ମଶାନରେ ସ୍ୱର୍ଗତ ମହାପାତ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ବିଏସ୍‌ଏଫ୍ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଝିଅ ପ୍ରତୀକ୍ଷାବାଳା ମହାପାତ୍ର ମୁଖାଗ୍ନି ଦେଇଥିଲେ। ମେଘାଳୟ ଶିଲଂରେ ୧୯୩ ବିଏସ୍‌ଏଫ୍ ବାଟାଲିଅନରେ ଜୟପ୍ରକାଶ ଗାଡ଼ି ଚାଳକ ଭାବେ କାର୍ଯ୍ୟରତ ଥିଲେ। ଗତ ମଙ୍ଗଳବାର ଗାଡ଼ିଚାଳନା ଟ୍ରେନିଂ ଚାଲିଥିବା ବେଳେ ନୂତନ ଭାବେ ଟ୍ରେନିଂ ନେଉଥିବା ଜଣେ ଯବାନଙ୍କ ଗାଡ଼ି ଧକ୍କାରେ ସେ ଶହୀଦ ହୋଇଥିଲେ।

ବୁଧବାର ଜୟପ୍ରକାଶଙ୍କ ମରଶରୀର ମେଘାଳୟରୁ ଆସାମ ଦେଇ ରାତି ୧୦ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ବିଏସ୍‌ଏଫ୍ ଯବାନ ଓ ପରିବାର ଲୋକ ପ୍ରଥମେ ତାଙ୍କ ପରିବାର ରହୁଥିବା ନୟାଗଡ଼ ଘରକୁ ମରଶରୀରକୁ ନେବା ପରେ ରାତି ୪ଟାରେ ଜନ୍ମସ୍ଥାନ ଅରାଅଞ୍ଚଳକୁ ଆଣିଥିଲେ। ଗୁରୁବାର ସକାଳେ ଗୋବିନ୍ଦପୁରସ୍ଥିତ ବାତ୍ୟା ଆଶ୍ରୟସ୍ଥଳ ନିକଟରୁ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିବା ବେଳେ ଯବାନମାନେ ମରଶରୀରକୁ କାନ୍ଧରେ ଧରି ଜନ୍ମମାଟିରେ ଥିବା ଘରକୁ ନେଇଥିଲେ । ସେଠାରୁ ଗ୍ରାମ ଶ୍ମଶାନକୁ ଅଣାଯାଇଥିଲା। ଯବାନମାନେ ରାଷ୍ଟ୍ରୀୟ ମର୍ଯ୍ୟାଦା ଜଣାଇବା ପରେ ମରଶରୀର ଉପରେ ପଡିଥିବା ଜାତୀୟ ପତାକାକୁ ଶହୀଦଙ୍କ ସ୍ତ୍ରୀ ଓ ଝିଅଙ୍କୁ ହସ୍ତାନ୍ତର କରିଥିଲେ। ପରେ ଅଗ୍ନି ସଂଯୋଗ କରାଯାଇଥିଲା। ୧୨ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ଗ୍ରାମର ପ୍ରଫୁଲ୍ଲ ଜେନା, ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ସ୍କୁଲ ଛାତ୍ରୀଛାତ୍ର, ବହୁ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାମୀ ଦେଶ ପାଇଁ ବଳିଦାନ ଦେଇଥିବାରୁ ଗର୍ବ ଅନୁଭବ କରୁଛି ବୋଲି ତାଙ୍କ ସ୍ତ୍ରୀ ତୃପ୍ତିରେଖା ମହାପାତ୍ର କହିଛନ୍ତି। ଜୟପ୍ରକାଶ ଜଣେ ବୀର ସୈନିକ ଥିଲେ। ତାଙ୍କ ମୃତ୍ୟୁ ସମସ୍ତଙ୍କୁ ଦୁଃଖ ଦେଇଛି ବୋଲି ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି।

# ଆକ୍ରମଣ: ମା'ପୁଅ ଗିରଫ

ବାଲିପାଟଣା,୧୨।୫ (ଡି.ଏନ୍.ଏ.)

ଘରବାରି ବିବାଦକୁ କେନ୍ଦ୍ରକରି ଆକ୍ରମଣ କରିବା ଘଟଣାରେ ବାଲିପାଟଣା ପୋଲିସ ଗୁରୁବାର ମା' ଓ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ସରାଟ ଗ୍ରାମର ଦେବେନ୍ଦ୍ର ବେହେରା ଓ ତାଙ୍କ ମା'। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୨୩/୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଗ୍ରାମର ସଞ୍ଜୟ ବେହେରା ଖାଇବା ପରେ ହାତ ଧୋଉଥିବା ବେଳେ କୌଣସି କାରଣକୁ ନେଇ ସାବତ ଭାଇ ଦେବେନ୍ଦ୍ର ଓ ତାଙ୍କ ମା' ଆକ୍ରମଣ କରିଥିଲେ। ଫଳରେ ସଞ୍ଜୟ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ୍ର ଭର୍ତ୍ତି କରାଯାଇଛି। ଅଭିଯୋଗ ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା।

# ୪ ବାଇକ୍ ଲୁଟେରା ଗିରଫ, ୫ ଗାଡ଼ି ଜବତ

ଜଟଣୀ,୧୨।୫ (ଡି.ଏନ୍.ଏ.)

ଜଟଣୀ ଥାନା ଅଞ୍ଚଳରେ ଦିନକୁଦିନ ବାଇକ୍ ଚୋରି ବଢ଼ି ଚାଲିଥିବା ବେଳେ ଗୁରୁବାର ପୋଲିସ ୪ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ବ୍ଲକ ଅନ୍ତର୍ଗତ ରଥିପୁର ଗ୍ରାମର ରବି ନାୟକ(୩୨), ଟାଙ୍ଗୀସାହିର ଏସ୍.କେ. ରାମଜାନ ଓରଫ ରାମଜାନି (୨୪), ପଣ୍ଡା ସାହିର ମହମ୍ମଦ ଆସିକ(୩୩) ଏବଂ ଜଟଣୀ ପୌରାଞ୍ଚଳ କୁଦିଆରୀ ମହତାବନଗରର ହରେକୃଷ୍ଣ ପାଲ ଓରଫ ହରି। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୫ଟି ଚୋରା ବାଇକ୍ ଜବତ କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୭୪/୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ୯ ତାରିଖରେ ଖୋର୍ଦ୍ଧା ଥାନା ଅଧୀନ ଛତିପୁର ଗ୍ରାମର ପ୍ରମୋଦ କୁମାର ସ୍ୱାଇଁ ସାମଗ୍ରୀ କିଣିବାକୁ ଜଟଣୀ ରେଲୱେ ମାର୍କେଟ ଆସିଥିଲେ। ସେଠାରେ ତାଙ୍କର ବାଇକ୍ ଚୋରି ହୋଇଯାଇଥିଲା। ଏନେଇ ପ୍ରମୋଦଙ୍କ ଅଭିଯୋଗକ୍ରମେ ଜଟଣୀ ପୋଲିସ ଉକ୍ତ ମାର୍କେଟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ଲୁଟେରାମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ହରେକୃଷ୍ଣଙ୍କ କବାଡ଼ିଆ ଦୋକାନ ରହିଥିବା ବେଳେ ଚୋରା ବାଇକ୍ ବିକ୍ରି କରିଥାଏ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।



ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ବାଇକ୍।

# ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଏବିଡି ୱାରିୟର ବିଜୟୀ

ଜଟଣୀ,୧୨।୫ (ଡି.ଏନ୍.ଏ.)

ଜଟଣୀ ବ୍ଲକ ତିରିମଲ ଓ ବେଣାପଞ୍ଜରୀ ପଞ୍ଚାୟତରେ ମିଳିତ ଭାବେ ଅନୁଷ୍ଠିତ ପ୍ରଥମ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସରେ ଡିଜି-୧୧କୁ ହରାଇ ଏବିଡି ୱାରିୟର ଟିମ୍ ବିଜୟୀ ହୋଇଛି। ପଞ୍ଚାୟତ ଖେଳପଡ଼ିଆରେ ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଟସ୍ ଜିତି ଡିଜି-୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୪ରନ ସଂଗ୍ରହ କରିଥିଲା। ଜବାବରେ ଏବିଡି ୱାରିୟର ୧୫ ଓଭରରେ ୮ ଉଇକେଟ ବିନିମୟରେ ୭୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମର ପ୍ରସନ୍ନ ମହାପାତ୍ର ୩ ଓଭରରେ ୮ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ପ୍ରସନ୍ନ ମିଶ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦିଲୀପ ସ୍ୱାଇଁ ଓ ଜିତେନ୍ଦ୍ର ସୁନ୍ଦରାୟ ମ୍ୟାଚ୍ ପରିଚାଳନା କରିଥିଲେ।

# ହଷ୍ଟର ଇଲେଭେନ୍ ଫାଇନାଲରେ

ବୋଲଗଡ଼,୧୨।୫(ଡି.ଏନ୍.ଏ.)

**ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିତୁକୁଳି ଖେଳପଡ଼ିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ୍ (ପିପିଏଲ୍) ସିଜନ-୬ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଇଲେଭେନ୍ ଷ୍ଟାର ପିତୁକୁଳିକୁ ହରାଇ ହଷ୍ଟର ଇଲେଭେନ୍ ଚମ୍ପାଇଲୋ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଇଲେଭେନ୍ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୦୦ ରନ ସଂଗ୍ରହ କରିଥିଲା। ଜବାବରେ ହଷ୍ଟର ଇଲେଭେନ୍ ୧୩.୩ ଓଭରରେ ୮ ଉଇକେଟ ବିନିମୟରେ ୧୦୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମର ଶିଶିର ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।



ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିବା ଖେଳାଳିମାନେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଆଲୋଚନା

ଖୋର୍ଦ୍ଧା ଅଫିସ,୧୨।୫

ଖୋର୍ଦ୍ଧା ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ପକ୍ଷରୁ ଜିଲାସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧକ୍ଷତା କରିଥିଲେ। ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜିଲା ଯୋଜନା କମିଟି ଅଧକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଅନୁଜ ଦାସ ପଟ୍ଟନାୟକ, ପିଡି ଡିଆରଡିଏ ଦିଗନ୍ତ ରାଉତରାୟଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଏହି ବୈଠକ ସକାଳ ୯ଟା ୩୦ରେ ବୈଠକ ଆରମ୍ଭ ହୋଇଥିବା ବେଳେ ଏହାର ୮ମିନିଟ ପୂର୍ବରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ପାଇକରାୟ ଡିଆଇପିଆରଓ ହ୍ୱାଟସ ଆପ ଗ୍ରୁପରେ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକ କକ୍ଷରେ କମ୍ ସିଟି ଥିବାରୁ କେବଳ ବୈଦ୍ୟୁତିକ ଗଣମାଧମକୁ ଡକାଯାଇଥିଲା। ବୈଠକକୁ ଛାପା ଗଣମାଧମକୁ ଉପେକ୍ଷା କରାଯାଇଥିବା ନେଇ ବିଭିନ୍ନ ସାମ୍ବାଦିକ ସଂଘ ଓ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।




ଡିଆଇପିଆରଓ ପକ୍ଷରୁ ବୈଠକ ସମ୍ପର୍କରେ ହ୍ୱାଟ୍‌ସ ଆପ୍ ମାଧମରେ ସୂଚନା ଦିଆଯାଇଛି।

**■ ବୈଠକରେ ଛାପା ଗଣମାଧମକୁ ଉପେକ୍ଷା**

**■ ଜିଲାସ୍ତରର କାର୍ଯ୍ୟକ୍ରମ ଟୁଇଟ୍‌ରେ ସୀମିତ**

ପ୍ରକାଶ ଯେ, ପଞ୍ଚାୟତ ନିର୍ବାଚନ ପୂର୍ବ ଦିନ ଜିଲାସ୍ତରରେ ବିଦ୍ୟାଳୟ ପଞ୍ଜା ବଣ୍ଟନ କାର୍ଯ୍ୟକ୍ରମକୁ ମଧ ଛାପା ଗଣମାଧମକୁ ଡକାଯାଇନଥିଲା। ଗତ କିଛି ମାସ ହେବ ଜିଲାସ୍ତରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଗଣମାଧମ ପ୍ରତିନିଧିଙ୍କୁ ଡକାଯାଉନାହିଁ। ଜିଲାସ୍ତରରେ କାର୍ଯ୍ୟକ୍ରମ ଟୁଇଟରରେ ସୀମିତ। ଜିଲାପାଳଙ୍କ ଅଫିସିଆଲ ଟୁଇଟରରେ ଜିଲାସ୍ତରରେ କୌଣସି ଏକ କାର୍ଯ୍ୟକ୍ରମ ହୋଇଥିଲା ବୋଲି ଜଣାପଡୁଛି। ଅନ୍ୟ ବିଭାଗସ୍ତରରେ ମଧ କୌଣସି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉ ନ ଥିବା ବେଳେ ବିଭାଗୀୟ ଅଧିକାରୀମାନେ ଡାଟା ଦେବାକୁ କୁଣ୍ଠାବୋଧ କରୁଛନ୍ତି। ବାତ୍ୟାକୁ ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସମ୍ପର୍କରେ ଗଣମାଧମକୁ କୌଣସି ସୂଚନା ଦିଆଯାଇନଥିଲା। ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ପୂର୍ବରୁ କେତେଜଣ ଛାପା ଗଣମାଧମ ପ୍ରତିନିଧି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ କାର୍ଯ୍ୟକାରୀ ହେଉନାହିଁ। ଏନେଇ ଉତ୍କଳ ସାମ୍ବାଦିକ ସଂଘ ସଭାପତି ପ୍ରଭାତ ମିଶ୍ର କୁହନ୍ତି, ଏଭଳି ବ୍ୟତିକ୍ରମ କେବଳ ଖୋର୍ଦ୍ଧା ଜିଲାରେ ଦେଖିବାକୁ ମିଳୁଛି। ଏଠାରେ ପ୍ରଶାସନ ଏବଂ ଗଣମାଧମ ମଧରେ କୌଣସି ଯୋଗାଯୋଗ ନାହିଁ। କୌଣସି ଅଧିକାରୀ ଫ୍ରେଣ୍ଡଲି ଭାବେ କାର୍ଯ୍ୟ କରୁଥିବା ପରି ମନେ ହେଉନାହାନ୍ତି। ଅନ୍ୟପକ୍ଷରେ ଏନେଇ ଡିଆଇପିଆରଓ ପାଇକରାୟ କୁହନ୍ତି, ବୈଠକ କକ୍ଷରେ ଅଳ୍ପ ସଂଖ୍ୟକ ସିଟ୍ ରହିଥିବାରୁ ଛାପା ଗଣମାଧମକୁ ଡକାଯାଇନଥିଲା। କାହାକୁ ଡକାଯିବ, ନ ଡକାଯିବ ତାହା ମୁଁ ସ୍ଥିର କରିବି। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କୁହନ୍ତି, ଏହା ନିନ୍ଦନୀୟ ଘଟଣା। ପ୍ରଶାସନର କାର୍ଯ୍ୟକ୍ରମରୁ ଗଣମାଧମକୁ ମନା କରିବା ଉଚିତ୍ ନୁହଁ। ଏନେଇ ଜିଲାପାଳଙ୍କ ସହ ଆଲୋଚନା ପରେ ପଦକ୍ଷେପ ଗ୍ରହଣ କରାଯିବ।

## ମୋବାଇଲ ଲୁଟ୍‌: ଅଭିଯୁକ୍ତ ଗିରଫ

ଟିଗିରିଆ,(ଡି.ଏନ୍.ଏ.): ବିଭିନ୍ନ ସ୍ଥାନରୁ ମୋବାଇଲ୍ ଲୁଟ୍ ଅଭିଯୋଗରେ ଟିଗିରିଆ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ନିହାର ରଞ୍ଜନ ବର ଓରଫ ସୋନୁ (୨୦)। ପୋଲିସ ତାଙ୍କଠାରୁ ଗୋଟେ ମୋବାଇଲ ଫୋନ ଜବତ କରିଛି। ଗତ ମଙ୍ଗଳବାର ସକାଳେ ଟିଗିରିଆ ନୂଆସଡ଼କ-ଗୋଡ଼ିଝରିଆ ରାସ୍ତା ଦେଇ ଢେଙ୍କାନାଳ ଶିମିଳିପାଟଣା ଗ୍ରାମକୁ ଏକ ଦମ୍ପତି ଫେରୁଥିବାବେଳେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମୋବାଇଲ ଛଡେଇ ନେଇଯାଇଥିଲେ। ଏନେଇ ଦମ୍ପତି ଟିଗିରିଆ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୦୧/୨୨) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଚକ୍ଷୁ ପରୀକ୍ଷା ଶିବିର

ଚୌଦ୍ୱାର,୧୨।୫(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ସାନ କେଶରପୁର ଗ୍ରାମରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ନପଙ୍ଗ ସରପଞ୍ଚ ମମତା ମଲ୍ଲିକ ଓ ସାମ୍ବାଦିକ ପ୍ରୀତିରଞ୍ଜନ ବେହେରା ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀକ୍ଷେତ୍ରବାସୀ ଫାଉଣ୍ଡେଶନ ଓ ବାଲିଚନ୍ଦ୍ରପୁରସ୍ଥିତ ସାଇ ଶାନ୍ତି ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଅଞ୍ଚଳର ୭୨ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚକ୍ଷୁ ହସ୍ପିଟାଲକୁ ନିଆଯାଇଥିଲା। ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମହାପାତ୍ର, ହେମନ୍ତ ଘଡ଼େଇ, ମାନସ ଘଡ଼େଇ, ଅମୂଲ୍ୟ ଦାସ, ରମେଶ ମୁଦୁଲିଙ୍କ ସମେତ ସମସ୍ତ ସଦସ୍ୟ ଶିବିର ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

ଖୁଣ୍ଟୁଣୀ,୧୨।୫(ଡି.ଏନ୍.ଏ.): ବିଶ୍ୱର କଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମର ହାଟପଡ଼ିଆଠାରେ ନୃସିଂହନାଥ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ୫ ଦିନ ଧରି ଚାଲିବାକୁ ଥିବାବେଳେ ଶୁକ୍ରବାର କଳସ ଶୋଭାଯାତ୍ରା ହେବ। ପୂର୍ବରୁ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ କମିଟି ସଭାପତି ମନୋଜ କୁମାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କିଶୋର ସାମନ୍ତରାୟ, ସଚ୍ଚିଦାନନ୍ଦ ପଣ୍ଡା, ବିପିନି ବିହାରୀ ପ୍ରଧାନ, ଦିଲ୍ଲୀପ ସେଠ, ବିଜୟ ସାହୁ, ରଜନୀ ଜେନା, ପ୍ରିୟବ୍ରତ ପାତ୍ର, ବିଚିତ୍ରାନନ୍ଦ ପ୍ରଧାନ ଓ ସଞ୍ଜୀବ ବେହେରାଙ୍କ ଉପସ୍ଥିତିରେ ସମସ୍ତ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପୂର୍ଣ୍ଣାହୁତି ଦିନ ସ୍ୱତନ୍ତ୍ର ଚରୁଅନ୍ନ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ ବୋଲି କମିଟିର ବରିଷ୍ଠ ସଦସ୍ୟ ଯୋଗୀନାଥ ପାତ୍ର କହିଛନ୍ତି।

### ମଦନମୋହନ ପୀଠରେ ଭାଗବତ ପାଠ କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୧୨।୫(ଡି.ଏନ୍.ଏ.): ଆଠଗଡ଼ ବ୍ଲକ ଗୁରୁଡିଝାଟିଆସ୍ଥିତ ମଦନମୋହନ ଦେବଙ୍କ ପୀଠରେ ମଙ୍ଗଳବାରଠାରୁ ଭାଗବତ ଗୀତାପାଠ ସପ୍ତାହ ଆରମ୍ଭ ହୋଇଛି। ସପ୍ତାହ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣମାନଙ୍କ ଦ୍ୱାରା ଗୀତା ପାଠ, ବିଷ୍ଣୁ ସହସ୍ର ନାମ, ଗାୟତ୍ରୀ ମନ୍ତ୍ର ଓ ହରିନାମ ସଂକୀର୍ତ୍ତନ ସାଙ୍ଗକୁ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହେଉଛି। ଏହି ଅବସରରେ କଳସ ଯାତ୍ରା କାର୍ଯ୍ୟକ୍ରମରେ ଗୁରୁଡିଝାଟିଆ ସରପଞ୍ଚଙ୍କ ପ୍ରତିନିଧି ସନାତନ ଦଳେଇ, ମାନସ କୁମାର ପଣ୍ଡା, ପ୍ରତାପ ଧଳ ଓ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଭାଗବତ ସପ୍ତାହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

### ଭୋଟର ତାଲିକା ପାଇଲେନି ଚାଷୀ

**ଆଜି ପାଣି ପଞ୍ଚାୟତ ନିର୍ବାଚନ**

କଟକ ସଦର,୧୨।୫(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ୧ନଂ. ଶାଖାକେନାଲ ପାଣିପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ହେଲେ ପରମହଂସ, ରଘୁନାଥପୁର ଓ କୁସିଙ୍ଗା ଅଞ୍ଚଳର ଚାଷୀମାନେ ଗୁରୁବାର ସୁଦ୍ଧା ସେମାନଙ୍କର ନାମ ଭୋଟର ତାଲିକାରେ ଅଛି କି ନାହିଁ ତାହା ଜାଣିପାରିନାହାନ୍ତି। ଗୁରୁବାର ପରମହଂସ ପଞ୍ଚାୟତ ବିଜେଡି ସଭାପତି ରବିନାରାୟଣ ଦାଶ ଏ ନେଇ କଇଜଙ୍ଗାସ୍ଥିତ ବିଲୁଆଖାଇ ସେକ୍ସନର ସହକାରୀ ଯନ୍ତ୍ରୀ ସୁବୋଧ ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ୩ ମାସ ତଳେ ଭୋଟର ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଅନେକ ମୃତ୍ୟୁ ଘଟିଥିବା ଜମି ମାଲିକଙ୍କ ନାମ ରହିଥିବା ବିଶେଷ ସୂତ୍ରରୁ ଜଣାପଡିଥିଲା। ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ସୂଚନା ଦିଆଯାଇଥିଲେ ମୃତକଙ୍କ ଉତ୍ତରାଧିକାରୀମାନେ ନାମ ଅନ୍ତର୍ଭୁକ୍ତ କରିପାରିଥାନ୍ତେ। ଶୁକ୍ରବାର ନିର୍ବାଚନ ଥିବାବେଳେ ଗୁରୁବାର ଦାଶଙ୍କୁ ନୂଆ ଭୋଟର ତାଲିକା ଦେଖାଇ ଦିଆଯାଇ ନ ଥିଲା। ଉକ୍ତ ତାଲିକା ଜଗତ୍‌ସିଂହପୁର ନିର୍ବାହୀଯନ୍ତ୍ରୀଙ୍କ ପାଖରେ ଅଛି ବୋଲି କହି ସହକାରୀ ଯନ୍ତ୍ରୀ ମହାପାତ୍ର ଦାଶଙ୍କୁ ସେକ୍ସନ ଅଫିସରୁ ଫେରାଇ ଦେଇଥିଲେ। ଏ ସମ୍ପର୍କରେ ନିର୍ବାହୀଯନ୍ତ୍ରୀ ପ୍ରତାପ କୁମାର ଶତପଥୀଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରିବେ ବୋଲି କହିଥିଲେ।

# ଜୁନ୍‌ରେ ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ ସରିବ

- ଶେଷ ହୋଇଛି ଛାତ୍ରାବାସ କାର୍ଯ୍ୟ
- ଛାତ୍ରୀଛାତ୍ରଙ୍କ ପାଇଁ ହେବ ବଗିଚା, କ୍ୟାଣ୍ଟିନ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା

କଟକ ଅଫିସ,୧୨।୫

ଆସନ୍ତା ଜୁନ୍ ଶେଷ ସପ୍ତାହରେ ନରାଜସ୍ଥିତ ବ୍ରଜବିହାରୀପୁରଠାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ କାର୍ଯ୍ୟ ସରିବ। ପ୍ରଥମ ପର୍ଯ୍ୟାୟରେ ୬ଟି ସେଲ୍ଫ ଫାଇନାନ୍ସିଂ ବିଭାଗକୁ ଦ୍ୱିତୀୟ କ୍ୟାମ୍ପସକୁ ସ୍ଥାନାନ୍ତର କରାଯିବ। ପରବର୍ତ୍ତୀ ସମୟରେ ଅନ୍ୟ ସେଲ୍ଫ ଫାଇନାନ୍ସିଂ ବିଭାଗ ସ୍ଥାନାନ୍ତର କରାଯିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଜନା କରାଯାଇଛି। ଏହି କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ରହିବା ପାଇଁ ସ୍ୱତନ୍ତ୍ର ଛାତ୍ରାବାସ ରହିଛି। ଏଥିସହ କ୍ୟାମ୍ପସ ପରିସରରେ ସୁନ୍ଦର ବଗିଚା, କ୍ୟାଣ୍ଟିନ୍, ଗାଡି ପାର୍କିଂ ବ୍ୟବସ୍ଥା, ଜରୁରୀକାଳିନ ପରିସ୍ଥିତି ପାଇଁ ସ୍ୱାସ୍ଥ୍ୟ ସେବା ଓ ପାଠାଗାର ଆଦି ବ୍ୟବସ୍ଥା କରାଯାଉଛି।

୨୦୧୫ ଜୁନ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କ୍ୟାମ୍ପସ ପାଇଁ ଶିଳାନ୍ୟାସ କରିଥିଲେ। ପ୍ରାୟ ୧୫୦ ଏକର ଜମିରେ ଉକ୍ତ କ୍ୟାମ୍ପସ ଦୁଇ ବର୍ଷ ମଧ୍ୟରେ ନିର୍ମାଣ କରାଯିବ ବୋଲି ଘୋଷଣା କରାଯାଇଥିଲା। ହେଲେ ଜମି ବିବାଦ ଓ ଅନୁଦାନ ଅଭାବରୁ ନିର୍ମାଣରେ ବିଳମ୍ବ ଘଟିଥିଲା। ଏବେ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଏଠାରେ ହଷ୍ଟେଲ ବିଲ୍ଡିଂ ଏବଂ କିଛି କ୍ଲାସରୁମ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ(ଜେଏମ୍‌ସି) ବିଭାଗ, ଇନ୍‌ଫର୍ମେସନ ଆଣ୍ଡ୍ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ, ଆଇଏସ୍‌ଟି ଇଟିସି, ରୁରାଲ ଡେଭଲପମେଣ୍ଟ, କମ୍ପ୍ୟୁଟର ବିଜ୍ଞାନ, ବିଜ୍‌ନେସ ଆଡମିନ୍‌ଷ୍ଟ୍ରେଶନ ଆଦି ବିଭାଗ ଦ୍ୱିତୀୟ କ୍ୟାମ୍ପସକୁ ଉଠିଯିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ତେବେ ପ୍ରଥମ ପର୍ଯ୍ୟାୟରେ କେଉଁ ବିଭାଗକୁ ସ୍ଥାନାନ୍ତର କରାଯିବ, ତାହାର ଚୂଡାନ୍ତ ନିଷ୍ପତ୍ତି ସିଣ୍ଡିକେଟ ବୈଠକରେ ନିଆଯିବ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀ ଏସ୍.କେ. ଭରଦ୍ୱାଜ କହିଛନ୍ତି, ଛାତ୍ରାବାସ କାର୍ଯ୍ୟ ଶେଷ ହୋଇଛି। କିଛି ଆନୁଷଙ୍ଗିକ କାମ ବାକି ରହିଛି। କିଛି ବିଭାଗର କ୍ଲାସ୍‌ରୁମ ପ୍ରସ୍ତୁତ ରହିଛି। ସେଠାରେ ବେଞ୍ଚ, ଚେୟାର, ଟେବୁଲ, ପ୍ରାକ୍ଟିକାଲ ନିମନ୍ତେ କମ୍ପ୍ୟୁଟର ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ଆଲୋକୀକରଣ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଜୁନ୍ ଶେଷ ସୁଦ୍ଧା କାର୍ଯ୍ୟ ସାରିବାକୁ ଯୋଜନା ରଖିଛୁ। ନିର୍ମାଣ ହୋଇଥିବା ଏକାଡେମିକ୍ ବିଲ୍ଡିଂରେ ୪ଟି ବ୍ଲକ ରହିଛି। ସେଥିମଧ୍ୟରୁ ୩ଟି ବ୍ଲକ କାର୍ଯ୍ୟ ଶେଷ ହୋଇଥିବାବେଳେ ଅନ୍ୟଟିର କାର୍ଯ୍ୟ ଜୋରସୋରରେ ଚାଲିଛି। ତେବେ ଗୋଟିଏ ବ୍ଲକରେ ଏକାଧିକ ବିଭାଗ ରହିବା ଭଳି ବ୍ୟବସ୍ଥା ହୋଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇନି। ସିଣ୍ଡିକେଟ ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।



ଆନ୍ତର୍ଜାତିକ ସେବିକା ଦିବସ ଅବସରରେ ଡ୍ରିମ୍ସ ନର୍ସିଂ କଲେଜ ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଜାଳି ଶପଥ ପାଠ କରୁଛନ୍ତି।

# 'ଚିକିତ୍ସା କ୍ଷେତ୍ରରେ ସେବିକାଙ୍କ ଭୂମିକା ଅତୁଳନୀୟ'

**ଆନ୍ତର୍ଜାତିକ ସେବିକା ଦିବସ**

କଟକ ଅଫିସ, ୧୨।୫

ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ ନର୍ସିଂ ପକ୍ଷରୁ ଆନ୍ତର୍ଜାତିକ ସେବିକା ଦିବସ ସ୍ଥାନୀୟ ଜୟଶ୍ରୀ ଅଡିଟୋରିୟମରେ ଗୁରୁବାର ପାଳିତ ହୋଇଯାଇଛି। ଏହାକୁ ପୋଲିସ ଆଇଜି ଏସ୍. ଦେବଦତ୍ତ ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ନର୍ସିଂର ଜନ୍ମଦାତ୍ରୀ ଫ୍ଲୋରେନ୍ସ ନାଇଟିଙ୍ଗେଲ ଏବଂ ଧନେଶ୍ୱର ରଥଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ରାଷ୍ଟ୍ରୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର ବିଜେତା ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରେମଲତା ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନର୍ସିଂ ବୃତ୍ତିର ମହନୀୟତା ବିଷୟରେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଓ ନିର୍ଦ୍ଦେଶକ ଲୋକନାଥ ବେହେରା ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଜାଳି ବୃତ୍ତିଗତ ଶପଥ ପାଠ କରିଥିଲେ। ଅଧ୍ୟକ୍ଷା ଡ. ପି. କଙ୍ଗେଶ୍ୱରୀ ସ୍ୱାଗତ ଅଭିଭାଷଣ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଅତିଥି ପରିଚୟ, ଛାତ୍ରୀ ଗାର୍ଗୀ ଚକ୍ରବର୍ତ୍ତୀ ଏବଂ ନିବେଦିତା ରକ୍ଷିତ୍ କାର୍ଯ୍ୟକ୍ରମ ସଂଯୋଜନା, ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।

ସେହିପରି ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଆନ୍ତର୍ଜାତିକ ସେବିକା ଦିବସ ପଦ୍ମିନୀ ଅଡିଟୋରିୟମଠାରେ ପାଳିତ ହୋଇଥିଲା। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ସେବିକାମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ଉତ୍ସର୍ଗୀକୃତ କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ବିଭିନ୍ନ ବିଭାଗର ଡାକ୍ତର ଓ ସେବିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ସନ୍ଦୀପ ପ୍ରହରାଜ, କୌସ୍ତୁଭ ମୁଖାର୍ଜୀ, ପ୍ରିୟଦର୍ଶିନୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭଙ୍ଗା ହେଲା ୧୬ କ୍ୱାର୍ଟର୍ସ



ଫାର୍ମାସୀ ଛାତ୍ରୀନିବାସ କୋଠା ଭଙ୍ଗାଯାଉଛି।

**ଏସ୍‌ସିବି ମେଡିକାଲ ବିଶ୍ୱସ୍ତରୀୟ ପାଇଁ ଉଚ୍ଛେଦ**

କଟକ ଅଫିସ,୧୨।୫

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଏହାର ଚତୁଃପାର୍ଶ୍ୱରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଗୁରୁବାର ଏସ୍‌ସିବି ମେଡିକାଲ କାର୍ଡିଓଲୋଜି ବିଭାଗ ପାର୍ଶ୍ୱରେ ଥିବା ୧୬ଟି କ୍ୱାର୍ଟର୍ସ ଓ ଲେଦର କର୍ପୋରେଶନର ୬ଟି ଘରକୁ ଭଙ୍ଗାଯାଇଛି। ଏହି କାର୍ଯ୍ୟବେଳେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ମଙ୍ଗଳାବାଗ ଆଇଆଇସି ଅମିତାଭ ମହାପାତ୍ର ଓ ଏସ୍‌ସିବି ଆଡମିନ୍‌ଷ୍ଟ୍ରେଟିଭ ଅଫିସର ଅଭିନାଶ ରାଉତ ପ୍ରମୁଖ ଉପସ୍ଥିତଥିଲେ।

# ପୂର୍ବତନ ସରପଞ୍ଚଙ୍କ ବ୍ୟାଙ୍କ ଆକାଉଣ୍ଟ, ପେଟ୍ରୋଲ ପମ୍ପରେ ଭିଜିଲାନ୍ସ ତଦନ୍ତ

**ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ଅଭିଯୋଗ**

ବାଙ୍କୀ,୧୨।୫ (ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକର ଦୁଲଣାପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)ରେ ଦୁର୍ନୀତି ହୋଇଥିବା ନେଇ ଦୁଲଣାପୁର ପଞ୍ଚାୟତର ଦାଶରଥି ପିହାରୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ପଞ୍ଚାୟତର ବିଭିନ୍ନ ପର୍ଯ୍ୟାୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଚାଲୁଥିବା ବେଳେ ଗୁରୁବାର ପୂର୍ବତନ ସରପଞ୍ଚ ନିଲୁ ସାହୁଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟ ଓ ପେଟ୍ରୋଲ ପମ୍ପରେ ଭିଜିଲାନ୍ସ ଟିମ୍ ତଦନ୍ତ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତଦନ୍ତ ଜାରି ରହିଥିଲା। ଏହା ପୂର୍ବରୁ ନିଲୁ ସାହୁଙ୍କ ଘରେ ଭିଜିଲାନ୍ସ ତଦନ୍ତ କରିଥିବା ସୂଚନା ମିଳିଛି।

# ୧୫ କେ.ଜି. ଗୋମାଂସ ଜବତ: ୨ ଗିରଫ

କଣ୍ଟାପଡା,୧୨।୫(ଡି.ଏନ୍.ଏ.)

୬୦ନଂ. ରାଜ୍ୟ ରାଜପଥରେ ବେଆଇନ ଭାବେ ଚାଲାଣ ହେଉଥିବା ଗୋମାଂସ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଓଲଟପୁର ପୋଲିସ ବୁଧବାର ବିଳମ୍ବିତ ରାତିରେ ଜବତ କରିଛି। ଏହି ଘଟଣାରେ ୨ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ଜଗତ୍‌ପୁର ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ଶାହାରୁଖ ଖାନ୍(୨୮) ଓ ମହାସିଂହପୁର ଗ୍ରାମର ଏସ୍.କେ. ଅଶ୍ରଫ ଅଲି(୨୭)। ଏ ନେଇ ପୋଲିସ ଏକ ମାମଲା (ନଂ.୫୨/୨୨) ରୁଜୁକରି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ନିଆଳିରୁ ପିକ୍‌ଅପ୍ ଭ୍ୟାନ୍(ନଂ. ଓଡ଼ି୦୫କ୍ୟୁ-୧୯୮୩)ରେ ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗୋମାଂସ ନେଇ ଜଗତ୍‌ପୁର ଅଭିମୁଖେ ଯାଉଥିଲେ। ଖବରପାଇ ଓଲଟପୁର ଥାନା ଏସ୍‌ଆଇ ନୃସିଂହ ଚରଣ ଜଗତି ପୋଲିସ ଫୋର୍ସ ସହ ରାତି ପ୍ରାୟ ୩ଟାରେ ବାଇରୋଇ ଛକରେ ଉକ୍ତ ଗାଡିକୁ ଅଟକାଇଥିଲେ। ଯାଞ୍ଚବେଳେ ସେଥିରେ ଗୋମାଂସ ଥିବା ଜଣାପଡିଥିଲା। ପରେ ପୋଲିସ ଉକ୍ତ ଗାଡିକୁ ଥାନାକୁ ଆଣିବା ସହ କଣ୍ଟାପଡା ବ୍ଲକ ପ୍ରାଣୀ ଚିକିତ୍ସକ ଜିତେନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ମାଂସର ନମୁନା ପରୀକ୍ଷା ପାଇଁ ପଠାଇଥିଲା। ଜବତ ଗୋମାଂସକୁ ପୋତିବା ପାଇଁ ପୋଲିସ ପ୍ରଶାସନ ଓ ପ୍ରାଣୀ ବିଭାଗ ମଧ୍ୟରେ ଛକାପଞ୍ଝା ହୋଇଥିଲା। ଫଳରେ କଣ୍ଟାପଡା ସରପଞ୍ଚ ନିର୍ମଳ କୁମାର ସାହୁଙ୍କ ସହଯୋଗରେ ଲଟାଉପରସ୍ଥିତ ଏକ ସ୍ଥାନରେ ଉକ୍ତ ମାଂସକୁ ପୋତି ଦିଆଯାଇଥିଲା। ଏହି ସମୟରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଶୁଭ୍ରାଂଶୁ ସାହୁ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଓଲଟପୁର ଆଇଆଇସି ବିଜୟା ସାହୁ କହିଛନ୍ତି, ୬୦ନଂ. ରାଜ୍ୟ ରାଜପଥରେ ବେଆଇନ ଭାବେ ଗୋମାଂସ ଚାଲାଣ ହେଉଥିବା ସମ୍ପର୍କରେ ଅଭିଯୋଗ ହୋଇ ଆସୁଥିଲା। ଏଥିଯୋଗୁ ଚାଲାଣକାରୀମାନଙ୍କ ଉପରେ କଡା ନଜର ରଖାଯାଇଥିଲା। ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିବା ପରେ ଏହି ଗୋମାଂସକୁ ଜବତ କରାଯାଇଛି।

# ଥାନା ସମ୍ମୁଖରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ନ୍ୟାୟ ମିଳିଲାନି**

ବାଙ୍କୀ,୧୨।୫(ସ୍ୱ.ପ୍ର.)



ମହିଳା ଜଣକ ଆତ୍ମାହୁତି ଉଦ୍ୟମ କରିବାବେଳେ ପୋଲିସ ଉଦ୍ଧାର କରୁଛି।

ନ୍ୟାୟ ନ ମିଳିବାରୁ ବାଙ୍କୀ ବ୍ଲକ ବୈଦ୍ୟେଶ୍ୱର ଥାନା ସମ୍ମୁଖରେ ଜଣେ ମହିଳା କିରୋସିନି ଢାଳି ଆତ୍ମାହୁତି ଦେବାକୁ ଗୁରୁବାର ଉଦ୍ୟମ କରିଛନ୍ତି। ଏନେଇ ବୁଝାଶୁଝା କରିବା ପରେ ସେ ସେଥିରୁ ନିବୃତ୍ତ ହୋଇଥିଲେ। ସେ ହେଲେ ଏହି ଥାନା ଅନ୍ତର୍ଗତ ରଜୀବ ଗ୍ରାମର ରେଣୁକା ରଣା। ଅଭିଯୋଗ ଅନୁଯାୟୀ, ରେଣୁକାଙ୍କ ଭାଇ ବାସଗୃହ ଭାଙ୍ଗିଦେବା ସହ ନିର୍ଯାତନା ଦେଉଥିଲେ। ଏ ନେଇ ସେ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଅଧିକାରୀମାନେ କୌଣସି ପଦକ୍ଷେପ ନନେଇ ଓଲଟି ରେଣୁକାଙ୍କୁ ଥାନାରେ ଅଟକ ରଖିଥିଲେ। ଏହାର ପ୍ରତିବାଦରେ ସେ ଥାନା ସମ୍ମୁଖରେ ଧାରଣା ଦେବା ସହ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ବନ ବିହାରୀ ପ୍ରଧାନ କହିଛନ୍ତି, ଘରୋଇ ଗଣ୍ଡଗୋଳକୁ କେନ୍ଦ୍ର କରି ରେଣୁକା ଓ ତାଙ୍କ ଭାଇ ଭିତରେ ମତାନ୍ତର ହୋଇଛି। ଏନେଇ ନିଜ ଭିତରେ ସମସ୍ୟା ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି।

# ମଦ ଜବତ,୬ ଗିରଫ

ଚୌଦ୍ୱାର,୧୨।୫(ଡି.ଏନ୍.ଏ.)

ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୪୦ ଲିଟର ମଦ ଜବତ କରାଯାଇଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଆଇନ ମଦ ବିକ୍ରି କରିବା ଅଭିଯୋଗରେ ବୁଧବାର ରାତିରେ ଅବକାରୀ ବିଭାଗ କର୍ମଚାରୀ ଶଙ୍କରପୁର ଗ୍ରାମରେ ଚଢ଼ାଉ କରି ବିଜୟ ହାତୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୪୦ ଲିଟର ଦେଶୀ ମଦ ଜବତ କରାଯାଇଛି। ବିଜୟ ଏକ ଜରିଅଖାରେ ମଦ ନେଇ ଗ୍ରାମ ଭିତରକୁ ଯାଉଥିବାବେଳେ ପାଟ୍ରୋଲିଂ କରୁଥିବା ଅବକାରୀ ଟିମ୍ ହାତରେ ଧରାପଡିଥିଲେ। ସେହିପରି ପଦାଗାଁ, ଟିପିଏମ୍ କଲୋନୀ, ଓଟିଏମ୍ କଲୋନୀ, କେଦାରେଶ୍ୱର, ଯାଜଭୈରବ ଓ ନୂଆଗାଁ ଆଦି ସ୍ଥାନରେ ଚଢ଼ାଉ କରାଯାଇ ୧୦୦ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ ଉମେଶ ଚନ୍ଦ୍ର ରାଉଳ, ଅଜୁ ପିଙ୍ଗୁଆ, ବଳରାମ ପ୍ରଧାନ, କାର୍ତ୍ତିକ ରାଉତ ଓ ଶଙ୍କର ସେଠୀଙ୍କୁ ଗିରଫ କରାଯାଇଥିବା ଚୌଦ୍ୱାର ଅବକାରୀ ବିଭାଗ ଅଧିକାରୀ ନିରାକାର ଦେହୁରୀ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର




ଶିବିରରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ,୧୨।୫ (ସ୍ୱ.ପ୍ର.)

ବାଙ୍କୀ ବି.କେ.ବିଦ୍ୟାପୀଠରେ ଗୁରୁବାର ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କ ପାଇଁ ବ୍ଲକସ୍ତରୀୟ ଦକ୍ଷତା ବିକାଶ ଓ ଡିଜିଟାଲ କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଡମପଡା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଦୀପ୍ତିମୟୀ ଶୁଭଦର୍ଶିନୀ ଓ ସମ୍ମାନିତ ଅତିଥିଭାବେ ଗଦାଧର ପ୍ରଧାନ,ଅଶୋକ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ରଘୁନାଥ ଦେବତା ନୋଡାଲ ହାଇସ୍କୁଲ, ମଇଯୋରୀ ସରକାରୀ ହାଇସ୍କୁଲ, ବୈଦେଶ୍ୱର ନୋଡାଲ ହାଇସ୍କୁଲ, ମହାବେରେଣା ବିଦ୍ୟାପୀଠ, ପଣ୍ଡାଳମ ହାଇସ୍କୁଲ, କଳାପଥର ଧଳାପଥର ହାଇସ୍କୁଲ, ବଦାଳ ଉତ୍ତରକୁଲାଟ ହାଇସ୍କୁଲ ଏବଂ ଘୋଳପୁର ଦଧିବାମନଜୀଉ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକଙ୍କ ସମେତ ୫ଟି ବିଦ୍ୟାଳୟର ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ ପ୍ରଶିକ୍ଷଣ ଦେଇଥିଲେ।

# 'ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଚିକିତ୍ସା ସେବା ମିଳୁ'

**ପରିବହନ ବିଭାଗ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ**

ସାଲେପୁର, ୧୨।୫(ଡି.ଏନ୍.ଏ.)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ୍ ଟେକ୍ନୋଲୋଜି ପରିସରରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଗୁରୁବାର 'ରକ୍ଷକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ରାଜ୍ୟ ପରିବହନ ନିର୍ବାହୀ ଅଧିକାରୀ ଇଂ. ସଞ୍ଜୟ ବେହେରା, ସଡ଼କ ସୁରକ୍ଷା ଅଧିକାରୀ ରବୀନ୍ଦ୍ରନାଥ ଜେନା, ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ସାଲେପୁର ଥାନା ଆଇଆଇସି ସୁପ୍ରସନ୍ନ ମଲ୍ଲିକ, ନିଶ୍ଚିନ୍ତକୋଇଲି ଆଇଆଇସି ଚିନ୍ମୟୀ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ସଡ଼କ ଦୁର୍ଘଟଣାରୁ କିପରି ବର୍ତ୍ତିପାରିବା ସେସମ୍ପର୍କରେ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ରନାଥ କର ଓ ଅଧ୍ୟକ୍ଷ ଡ. ସନ୍ତୋଷ ମହାପାତ୍ର ଏହାକୁ ଉଦ୍‌ଘାଟନ କରି ସଡ଼କ ଦୁର୍ଘଟଣା ପୀଡିତ ତୁରନ୍ତ ଚିକିତ୍ସା ସୁବିଧା ମିଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଟାଙ୍ଗୀ କଲେଜର ଅଧ୍ୟାପିକା ବିଲ୍‌କିସ୍ ପର୍‌ୱିନ୍ ଓ ସାଲେପୁର ଫାର୍ମାସୀ କଲେଜର ଅଧ୍ୟାପକ ସ୍ୱାଲିନ୍ ପରିଜା ପ୍ରାଥମିକ ଉପଚାର ସମ୍ପର୍କରେ ଟ୍ରେନିଂ ପ୍ରଦାନ କରିଥିଲେ। ଏହି ଅବସରରେ ୧୫୦ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତତ୍କାଳୀନ ସେବା ଯୋଗାଉଥିବାରୁ ରୋଧପୁର ଗ୍ରାମର ସ୍ୱେଚ୍ଛାସେବୀ ଜୟନ୍ତ କୁମାର ଦାସ, ନିଶ୍ଚିନ୍ତକୋଇଲି ଅଞ୍ଚଳର ସେକ୍ ବୁରାନ୍‌ଙ୍କୁ ପରିବହନ ବିଭାଗ ପକ୍ଷରୁ ଆର୍ଥିକ ଉପହାର ସହ ପ୍ରମାଣପତ୍ର ଦିଆଯାଇଥିଲା।

# ପୋଲିସ କବ୍‌ଜାରେ ମୋବାଇଲ୍ ଲୁଟେରା

ଭୁବନେଶ୍ୱର,୧୨।୫(ବ୍ୟୁରୋ)





ଜବତ ମୋବାଇଲ ଫୋନ୍ ଓ ଗିରଫ ଅଭିଯୁକ୍ତ।

**୨୦ ମୋବାଇଲ୍ ଫୋନ୍ ଜବତ, ଅଭିଯୁକ୍ତ ଗିରଫ**

କଟକ ସହରର ବିଭିନ୍ନ ସ୍ଥାନରୁ ମୋବାଇଲ ଫୋନ୍ ଲୁଟ୍ ଓ ଚୋରି କରିଥିବା ଜଣେ ଅଭିଯୁକ୍ତକୁ ଲାଲବାଗ ଥାନା ପୋଲିସ ଗିରଫ କରିଛି। ସେ ହେଲେ ସତୀଚୌରା ଅଞ୍ଚଳର ଇମାମପଡା ବସ୍ତିରେ ରହୁଥିବା ସାଇଲୋ ଗୋବିନ୍ଦପୁରର ସରୋଜ ବେହେରା (୨୫)। ତାଙ୍କଠାରୁ ବିଭିନ୍ନ ବ୍ରାଣ୍ଡର ୨୦ ଦାମୀ ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୧୦୮/୨୨) ରୁଜୁ କରି ଅଭିଯୁକ୍ତ ସରୋଜଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ପୂର୍ବରୁ ଲାଲବାଗ ଥାନାରେ ରୁଜୁ ହୋଇଥିବା ଏକାଧିକ ମାମଲା (ନଂ ୨୨୨, ୨୨୩ ଓ ୨୨୪/୨୧)ରେ ତାଙ୍କର ସମ୍ପୃକ୍ତି ଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁଯାୟୀ, କଟକର ବିଭିନ୍ନ ଥାନାରେ ମୋବାଇଲ ଚୋରି ଓ ଲୁଟ୍ ଅଭିଯୋଗ ବଢ଼ି ଚାଲିଥିବାରୁ ଏହାକୁ ନେଇ ପୋଲିସର ଚିନ୍ତା ବଢ଼ିଛି। ଏଥିରେ ସମ୍ପୃକ୍ତ ରହିଥିବା ଗ୍ୟାଙ୍ଗ୍‌କୁ ଧରିବାକୁ କଡ଼ା ନଜର ରଖାଯାଇଥିଲା। ବୁଧବାର ଲାଲବାଗ ଥାନା ଅନ୍ତର୍ଗତ ଶେଖ ବଜାର ଅଞ୍ଚଳର ମାନସ ପ୍ରଧାନ ୱାର୍ଡ ନଂ.୧ରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଫୋନ୍‌ରେ କଥା ହୋଇ ଯାଉଥିବାବେଳେ ଅଭିଯୁକ୍ତ ସରୋଜ ତାଙ୍କଠାରୁ ମୋବାଇଲ ଫୋନ ଛଡାଇ ନେଇ ପଳାଇଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ସରୋଜଙ୍କୁ ଗିରଫ କରିବା ସହ ତାଙ୍କ ର୍‌ୟାକେଟ ସମ୍ପର୍କରେ ଅଧିକ ଖୋଳତାଡ଼ ଆରମ୍ଭ କରିଛି।

ସେହିଭଳି ପୂର୍ବରୁ ମୋବାଇଲ ହଜିଯାଇଥିବା ଓ ଚୋରି ହୋଇଥିବା ଅଭିଯୋଗ ଅନୁଯାୟୀ, ଲାଲବାଗ ଥାନା ପୋଲିସ ୭ଟି ଓ ବିଡାନାସୀ ପୋଲିସ ୨୨ ମୋବାଇଲ ଜବତ କରିଥିଲା। ତେବେ ଉଦ୍ଧାର କରାଯାଇଥିବା ଏ ସମସ୍ତ ୪୯ ମୋବାଇଲ ଫୋନ୍‌କୁ କମିଶନରେଟ ପୋଲିସ ପକ୍ଷରୁ ଫେରସ୍ତ ମେଳାର ଆୟୋଜନ କରାଯାଇ ମାଲିକଙ୍କୁ ପ୍ରଦାନ କରାଯିବ ବୋଲି କଟକ ଡିସିପି ପିନାକୀ ମିଶ୍ର କହିଛନ୍ତି।

